"ନୈତିକତା ଏକ କୃତ୍ରିମ ମାନଦଣ୍ଡରେ ସମସ୍ତଙ୍କୁ ଠିଆ କରିବାକୁ ଚାହୁଁଥିଲା ବେଳେ, ଆଧ୍ୟାତ୍ମିକତା ଜୀବନର ବହୁ ବୈଚିତ୍ର୍ୟ ଭିତରେ ଲୀଳାୟିତ ହୁଏ। ଏହା ମଧ୍ୟ ଆତ୍ମାର ସ୍ୱାଧୀନତାକୁ ସାବ୍ୟସ୍ତ କରେ। –ଶ୍ରୀମା



# ୬ ବର୍ଷ ପରେ

ବିମୁଦ୍ରୀକରଣକୁ ୮ ନଭେମ୍ବର ୨୦୨୨ରେ ୬ ବର୍ଷ ପୂରିଲା। ଏହି ସମୟ ମଧ୍ୟରେ ଭାରତର ଅର୍ଥନୀତି କେଉଁ ସ୍ତରକୁ ଖସିଛି, ତାହା ପ୍ରତ୍ୟେକ ଦେଶବାସୀ ଦୈନନ୍ଦିନ ଅନୁଭବ କରୁଛନ୍ତି। କିନ୍ତୁ କେହି କିଛି କରିବା ସ୍ଥିତିରେ ନାହାନ୍ତି। ୮ ନଭେମ୍ବର ୨୦୧୬ରେ ଏହି କଠୋର ଅର୍ଥନୈତିକ ଅସ୍ତ୍ର ଦେଶବାସୀଙ୍କ ଉପରେ ପ୍ରୟୋଗ କରାଯାଇଥିଲା। ସେତେବେଳେ କୁହାଯାଇଥିଲା ଯେ ଦୁର୍ନୀତି ସହିତ କଳାଧନ ରୋକିବା, ଆତଙ୍କବାଦୀଙ୍କୁ କରାଯାଉଥିବା ପାଣ୍ଠି ଯୋଗାଣ ବନ୍ଦ ଓ ବିଦେଶରେ ଛପାଯାଉଥିବା ନକଲି ମୁଦ୍ରାକୁ ଅକାମୀ କରିଦିଆଯିବ। କୌତୂହଳର ବିଷୟ ହେଉଛି ପ୍ରଥମ ଦିନ ଏହି ଘୋଷଣା ହୋଇଯିବା ପରେ ତା'ପରଠାରୁ ପ୍ରାୟ ପ୍ରତ୍ୟେକ ଦିନ ବିଭିନ୍ନ କଥା କୁହାଗଲା। ଏହା ମଧ୍ୟ ଜୋର୍‌ଜବରଦସ୍ତ କରାଗଲା ଯେ କାଗଜ ଟଙ୍କା ପରିବର୍ତ୍ତେ ସମଗ୍ର ଦେଶରେ ଡିଜିଟାଲ ଟଙ୍କା ବ୍ୟବହାର କରାଯିବ। ଅର୍ଥାତ୍ ନଗଦ କାରବାର ବନ୍ଦ ହୋଇଯିବ। ସବୁ ସନ୍ଧ୍ୟାରେ ଓଡ଼ିଆ ଆଇଏଏସ୍ ଅଫିସର ଶକ୍ତିକାନ୍ତ ଦାସଙ୍କ ଚେହେରା ଦେଖିବାର ସୁଯୋଗ ଦେଶବାସୀ ପାଇଥିଲେ। ବିଧିବଦ୍ଧ ବ୍ୟବସ୍ଥା କରାଯିବା ପୂର୍ବରୁ ବିମୁଦ୍ରୀକରଣ ଘୋଷଣା ହୋଇଯିବା ଫଳରେ ଅନେକ ବିଶୃଙ୍ଖଳା ଉପୁଜିଥିଲା। ତନ୍ମଧ୍ୟରୁ ଅନ୍ୟତମ ଥିଲା କେଉଁ ତାରିଖ ସୁଦ୍ଧା ପୁରୁଣା ଟଙ୍କା ଫେରସ୍ତ ଦେଇ ନୂତନ ନୋଟ୍ ଅଣାଯାଇପାରିବ। ପୋଖରୀରେ ପଦ୍ମ ଘୁଞ୍ଚିଲା ଭଳି ଶକ୍ତିକାନ୍ତ ସବୁଦିନ ଭିନ୍ନ ଭିନ୍ନ ତାରିଖ ଦର୍ଶାଇ ଦେଶର ଅର୍ଥନୀତି ଓ ବ୍ୟବସାୟିକ ବ୍ୟବସ୍ଥାକୁ ଦୋହଲାଇ ଦେଇ ଦୁର୍ବଳ କରିଦେବା ଦିଗରେ ସଫଳ ହୋଇଥିଲେ। ତାହାରି କୁଫଳ ଆଜି ମଧ୍ୟ ସମଗ୍ର ଦେଶକୁ ଭୋଗିବାକୁ ପଡୁଛି।

୪ ନଭେମ୍ବର ୨୦୧୬ରେ ଲୋକଙ୍କ ପାଖରେ ୧୭ ଲକ୍ଷ ୭୭ ହଜାର କୋଟି ଟଙ୍କା ନଗଦ ଅର୍ଥ ଥିଲା ବୋଲି ଆର୍‌ବିଆଇ କହିଥିଲା। ଆଶ୍ଚର୍ଯ୍ୟର କଥା ଅକ୍ଟୋବର ୨୦୨୨ରେ ସେହି ଅର୍ଥ ୭୨ ପ୍ରତିଶତ ବୃଦ୍ଧିପାଇ ୩୦ ଲକ୍ଷ ୮୮ ହଜାର କୋଟି ଟଙ୍କାରେ ପହଞ୍ଚିଛି ବୋଲି କେନ୍ଦ୍ର ସରକାରଙ୍କ ଅଧୀନ ବ୍ୟାଙ୍କିଙ୍ଗ୍‌ର ଏହି ସର୍ବୋଚ୍ଚ ସଂସ୍ଥା ଆର୍‌ବିଆଇ ଦ୍ୱାରା ଘୋଷଣା କରାଯାଇଛି। ସେଥିରୁ ବୁଝିବାକୁ ହେବ ଯେତେ ଭାରତପେ, ଗୁଗଲ୍‌ପେ, ଫୋନ୍‌ପେ, ପେଟିଏମ୍ ଭଳି ସଂସ୍ଥା ମୁଣ୍ଡ ଟେକିଛନ୍ତି ସମସ୍ତେ ନିମ୍ନମଧ୍ୟବିତ୍ତଙ୍କ ପାଖରେ ପହଞ୍ଚି ପାରିଛନ୍ତି। ତା'ଠାରୁ ବହୁ ଅଧିକ ଗରିବ ଓ ମଧ୍ୟବିତ୍ତ ନାଗରିକ ଏହି ବ୍ୟବସ୍ଥାକୁ ବିଶ୍ୱାସକୁ ନେଇପାରୁ ନାହାନ୍ତି ଏବଂ ଡିଜିଟାଲ ଅର୍ଥନୀତି ପରିବର୍ତ୍ତେ, ପୂର୍ବଭଳି, ନଗଦକୁ ଫେରିଯାଉଛନ୍ତି ବୋଲି ଏହି ରିପୋର୍ଟରୁ ପ୍ରମାଣ ମିଳୁଛି।

ଦେଶବାସୀଙ୍କ ସ୍ମୃତିକୁ ତାଜା କରିବା ପାଇଁ କିଛି ଚିତ୍ରକୁ ଏଠାରେ ଅବତାରଣା କରାଯାଇପାରେ। ବିମୁଦ୍ରୀକରଣ ପରେ ୫୦୦ ଓ ୧୦୦୦ ଟଙ୍କିଆ ଦୁଇଟି ବଡ଼ ନୋଟ୍‌କୁ ତତ୍‌କ୍ଷଣାତ୍ ସରକାର ଫେରାଇ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ବ୍ୟାଙ୍କ ଦେଖି ନ ଥିବା ଅନେକ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକ ସାଇତି ରଖିଥିବା ଏହି କାଗଜ ମୁଦ୍ରାକୁ ବଦଳାଇବା ପାଇଁ ଦିନ ଦିନ ଧରି ବ୍ୟାଙ୍କ ଆଗରେ ଧାଡ଼ି ବାନ୍ଧିଥିଲେ। କେତେକଙ୍କ ଏଥିଯୋଗୁ ମୃତ୍ୟୁ ଘଟିଥିବା ଖବର ପ୍ରକାଶ ପାଇଲା। ହେଲେ ସରକାର ଏହି ପ୍ରକ୍ରିୟାକୁ ଦେଶପ୍ରେମ ସହ ଯୋଡ଼ିଦେଲେ। ସିଆଚେନ୍‌ରେ ସୈନ୍ୟମାନେ ରାଷ୍ଟ୍ରର ସୁରକ୍ଷା ପାଇଁ ପ୍ରାଣବଳି ଦେଉଥିବା ବେଳେ ଅର୍ଥନୀତିକୁ ସୁଦୃଢ଼ କରିବା ସକାଶେ ଜନସାଧାରଣ କଷ୍ଟ ସହିବାକୁ ଶୀର୍ଷ ନେତୃତ୍ୱ ଆହ୍ୱାନ ଦେଇଥିଲେ। ସେତେବେଳେ ସେହି ଘୋଷଣାକୁ ଅନେକ ଲୋକ ଅନ୍ଧ ଭାବେ ସମର୍ଥନ କରି ଭାବିଥିଲେ ଯେ ଦେଶର ମଙ୍ଗଳ ପାଇଁ ଏହି କଷ୍ଟ ସହିହେବ। ସେହି ତ୍ୟାଗର କୌଣସି ଅର୍ଥ ରହିଲା ନାହିଁ ବୋଲି ପରବର୍ତ୍ତୀ ସମୟରେ ବୁଝାପଡୁଛି। ଗରିବ ଓ ମଧ୍ୟବିତ୍ତ ବର୍ଗଙ୍କ ମନରେ ଏଭଳି ଚିନ୍ତା ମଧ୍ୟ ପୂରାଇ ଦିଆଯାଇଥିଲା ଯେ, ଧନୀ ଲୋକଙ୍କ ନିକଟରୁ ବିପୁଳ ନଗଦ ଅର୍ଥ କାଢ଼ି ନେବାରେ ବିମୁଦ୍ରୀକରଣ ସହାୟକ ହେବ। କିନ୍ତୁ ଏହା ଯେ ଅବାସ୍ତବ ଥିଲା ତାହା ଅନେକେ ଠଉରାଇପାରି ନ ଥିଲେ। ସାଧାରଣତଃ ଅପର୍ଯ୍ୟାପ୍ତ କଳାଧନ ରଖିଥିବା ଧନିକ ବର୍ଗ ତାହାକୁ ନଗଦ ରାଶି ଆକାରରେ ନ ରଖି ବିଦେଶୀ ବ୍ୟାଙ୍କ କିମ୍ବା ଜମି, ସୁନା, ହୀରା ଆଦିରେ ବିନିଯୋଗ କରିଥାଆନ୍ତି। ମୋଟାମୋଟି କହିଲେ ବିମୁଦ୍ରୀକରଣ ଯୋଗୁ ନିମ୍ନ ଓ ମଧ୍ୟବିତ୍ତ ଲୋକ ଅଧିକ କ୍ଷତିଗ୍ରସ୍ତ ହୋଇଥିଲେ। ବହୁ ଲଘୁ, କ୍ଷୁଦ୍ର ଓ ମଧ୍ୟମଧରଣର ଶିଳ୍ପ ଧୂଳିସାତ୍ ହୋଇଯାଇଥିଲା। ଅନେକ ଲକ୍ଷ ଲୋକ ଚାକିରି ହରାଇ ଦୁର୍ଦ୍ଦିନ ଦେଇ ଗତି କରିଥିଲେ। ଆଜି ପର୍ଯ୍ୟନ୍ତ ମଧ୍ୟ ସେମାନଙ୍କ ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଆସିନାହିଁ। ଅନ୍ୟପକ୍ଷରେ ବିମୁଦ୍ରୀକରଣକୁ ଯେଉଁମାନେ ବିରୋଧ କରିଥିଲେ ସେମାନଙ୍କୁ ଦେଶଦ୍ରୋହୀ ଆଖ୍ୟା ଦିଆଯାଇଥିଲା। କଠୋର ହେଲେ ମଧ୍ୟ ଦେଶର ବିକାଶ ଲାଗି ଏଭଳି ପଦକ୍ଷେପର ଆବଶ୍ୟକତା ରହିଥାଏ ବୋଲି ସରକାରୀ ଭାବେ କୁହାଯାଇଥିଲା।

> **ଦୁଃଖର ବିଷୟ ଯେ ଭାରତ ସରକାର ଏବେ ମଧ୍ୟ ଉଚିତ ଅର୍ଥନୈତିକ ନିଷ୍ପତ୍ତି ନେବାରେ ଅଭିଜ୍ଞତା ପ୍ରଦର୍ଶନ କରିପାରୁନାହାନ୍ତି। ସେଥିପାଇଁ ଆଗାମୀ ଦିନରେ ଆହୁରି କଷ୍ଟ ସମୟ ଆସୁଛି ବୋଲି କୁହାଯାଇପାରିବ।**

ବିମୁଦ୍ରୀକରଣର ୬ ବର୍ଷ ପରେ କେନ୍ଦ୍ରରେ ସେହି ଏକା ସରକାର ଶାସନ କରୁଛନ୍ତି। ଅଧିକ ୭୨ ପ୍ରତିଶତ ନଗଦ ମୁଦ୍ରା ଜନସାଧାରଣଙ୍କ ପାଖରେ ରହିଛି ବୋଲି ଆର୍‌ବିଆଇର ରିପୋର୍ଟକୁ ସରକାରୀ ସ୍ତରରେ ଖଣ୍ଡନ କରାଯାଇ ନାହିଁ। ମନେରଖିବାକୁ ହେବ ଯେ ଏହି ରିପୋର୍ଟ ପ୍ରସ୍ତୁତ କରିଥିବା ଆର୍‌ବିଆଇ ସେତିକି ପରିମାଣର ନୋଟ୍ ବା ନଗଦ ଟଙ୍କା ଛାପିଛି ବୋଲି କହିପାରୁଛି। ଏବେ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ସର୍ବକାଳୀନ ରେକର୍ଡ ୮୨ ଟଙ୍କା ୪୪ ପଇସାରେ ପହଞ୍ଚିଯାଇଛି। ବିମୁଦ୍ରୀକରଣ ପୂର୍ବରୁ ଏହି ବିନିମୟ ମୂଲ୍ୟ ୬୪ ଟଙ୍କାରେ ଥିଲା। ଅର୍ଥନୀତି ଅତ୍ୟନ୍ତ ଖରାପ ପର୍ଯ୍ୟାୟ ଦେଇ ଗତି କରୁଥିବାରୁ ନିଯୁକ୍ତି ସଙ୍କୁଚିତ ହୋଇଯାଇଛି। ଏଠାରେ ଏକ ବିରୋଧାଭାସ ମଧ୍ୟ ଲକ୍ଷ୍ୟ କରାଯାଉଛି। ବିମୁଦ୍ରୀକରଣ ପରେ ୟୁନିଫାଏଡ୍ ପେମେଣ୍ଟ୍ସ ଇଣ୍ଟରଫେସ୍ (ୟୁପିଆଇ) ମାଧ୍ୟମରେ କାରବାର ବୃଦ୍ଧି ପାଇଛି। ଏହା ସତ୍ତ୍ୱେ ଲୋକଙ୍କ ପାଖରେ ଅଧିକ ପରିମାଣର ନଗଦ ଅର୍ଥ ରହିବା ସୂଚାଉଛି ଯେ, ଅର୍ଥନୀତି ଦୋଦୁଲ୍ୟମାନ ଅବସ୍ଥାରେ ଥିବାରୁ ସରକାରଙ୍କ ଉପରେ ସମ୍ଭବତଃ ଦେଶବାସୀଙ୍କ ଭରସା କମିଯାଇଛି। ଏସ୍‌ବିଆଇ ଅର୍ଥନୀତିଜ୍ଞଙ୍କ ମତରେ ଦୀପାବଳି ସପ୍ତାହରେ ମୁଦ୍ରା ସଂଚାଳନ ବା କରେନ୍ସି ଇନ୍ ସର୍କ୍ୟୁଲେଶନ (ସିଆଇସି) ୭,୬୦୦ କୋଟି ଟଙ୍କା କମିଯାଇଛି, ଯାହା ଦୁଇ ଦଶନ୍ଧି ମଧ୍ୟରେ ସର୍ବନିମ୍ନ ବୋଲି କୁହାଯାଉଛି। ଏହାର ଅର୍ଥ ଜନସାଧାରଣ ଏହିବର୍ଷ ଦୀପାବଳି ବେଳେ ପୂର୍ବବର୍ଷ ତୁଳନାରେ ଖର୍ଚ୍ଚ କମାଇ ଦେଇଛନ୍ତି। ଏଥିରୁ ଏହା ମଧ୍ୟ ଅନୁମାନ କରାଯାଇପାରେ ଯେ, ଅନ୍ୟକିଛି ସାମଗ୍ରୀ କିଣିବା ପରିବର୍ତ୍ତେ ସୁନା ଓ ହୀରା ଭଳି ଧାତବ ଜିନିଷ କିଣିଛନ୍ତି। ଦେଶର ଅର୍ଥନୀତିରେ ଦେଖାଦେଇଥିବା ଦୁରବସ୍ଥାକୁ ଦେଖି ଜନସାଧାରଣ ନଗଦ ଅର୍ଥ ବଜାରକୁ ଛାଡ଼ିବାକୁ ଚାହୁଁନାହାନ୍ତି। ପଡ଼ୋଶୀ ଦେଶ ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟ ଯୋଗୁ ଯେଉଁ ସ୍ଥିତି ଉପୁଜିଲା ତାହାର ପ୍ରଭାବ ଏଠାରେ ପଡ଼ିଯିବା ଭୟ ମଧ୍ୟ ଭାରତୀୟଙ୍କୁ ଘାରିଲାଣି। ମୋଟ ଉପରେ କହିଲେ ୬ ବର୍ଷ ତଳେ ଯେଉଁ ଉଦ୍ଦେଶ୍ୟ ନେଇ ସରକାର କଠୋର ଆର୍ଥିକ ନୀତି ଗ୍ରହଣ କରିଥିଲେ, ତାହା ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ଏବେ ତାହାର କୁପ୍ରଭାବ ଦେଶର ଅର୍ଥନୀତିକୁ ଆହୁରି ଦୁର୍ବଳ କରିଦେଇଛି। କାରଣ ସ୍ଥିତି ଏଭଳି ବିଗିଡ଼ିଲାଣି ଯେ, ଅର୍ଥଶାସ୍ତ୍ରୀଙ୍କ ଦ୍ୱାରା ବହୁଳ ପ୍ରମାଣିତ ପ୍ରୟୋଗାତ୍ମକ ସୂତ୍ର ମଧ୍ୟ କାମ ଦେଉନାହିଁ। ଏଥିସହିତ ଦେଶର ନାଗରିକଙ୍କ ଚରିତ୍ର ବୁଝିବା ଦରକାର। ଦୀର୍ଘ ସମୟରୁ ନଗଦ ଟଙ୍କା ଖର୍ଚ୍ଚ କରି ବଞ୍ଚିବାକୁ ଶିଖିଥିବା ଭାରତୀୟଙ୍କୁ ହଠାତ୍ ଡିଜିଟାଲ ବ୍ୟବସ୍ଥା ଉପରେ ବିଶ୍ୱାସ ଆଣିବା କଷ୍ଟକର। ତାହା ଏହି ରିପୋର୍ଟରୁ ପ୍ରମାଣିତ ହେଉଛି। ଦୁଃଖର ବିଷୟ ଯେ ଭାରତ ସରକାର ଏବେ ମଧ୍ୟ ଉଚିତ ଅର୍ଥନୈତିକ ନିଷ୍ପତ୍ତି ନେବାରେ ଅଭିଜ୍ଞତା ପ୍ରଦର୍ଶନ କରିପାରୁନାହାନ୍ତି। ସେଥିପାଇଁ ଆଗାମୀ ଦିନରେ ଆହୁରି କଷ୍ଟ ସମୟ ଆସୁଛି ବୋଲି କୁହାଯାଇପାରିବ।

# ଜୀବନଶୈଳୀ ଓ ଜଳବାୟୁ ପରିବର୍ତ୍ତନ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ସମ୍ପ୍ରତି ବିକାଶ ଓ ପ୍ରଗତିର ମାୟାଜାଲରେ ବଶୀଭୂତ ହୋଇ ମାନବ ସମାଜ ଏକ ଅସହନୀୟ ମାର୍ଗରେ ଅଗ୍ରସର ହେଉଛି। ଏହା ଆମ ଗ୍ରହର ପ୍ରକୃତି ଓ ପରିବେଶର ଗୁଣାତ୍ମକ ମାନରେ ଅବକ୍ଷୟ ଘଟାଇ ବିନାଶକାରୀ ପ୍ରଭାବ ବିସ୍ତାର କରୁଛି। ଆମେରିକା ଏବଂ ୟୁରୋପର ବିକଶିତ ରାଷ୍ଟ୍ରଗୁଡ଼ିକ ବିଜ୍ଞାନ ଓ ପ୍ରଯୁକ୍ତିରେ ସାଧିତ ସର୍ବାଧିକ ଅଗ୍ରଗତିର ପ୍ରୟୋଗ ତଥା ପ୍ରାକୃତିକ ସମ୍ପଦର ଅତ୍ୟଧିକ ବିନିଯୋଗରେ ଧନିକ ରାଷ୍ଟ୍ରର ମର୍ଯ୍ୟାଦା ହାସଲ କରିଛନ୍ତି। ତେବେ ଅଧିକ ଜନସଂଖ୍ୟା ବିଶିଷ୍ଟ ଏବଂ ଦାରିଦ୍ର୍ୟ ପ୍ରପୀଡ଼ିତ ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଏହି 'ମୂଷା ଦୌଡ଼'ରେ ସଫଳତା ଅର୍ଜନରୁ ଦୂରରେ ଥିବାରୁ ଏବେ ଅନ୍ଧାନୁକରଣରେ ବ୍ରତୀ ଅଛନ୍ତି। ପ୍ରଚଳିତ ବିପର୍ଯ୍ୟୟ ସୃଷ୍ଟିକାରୀ ଉନ୍ନୟନ ପ୍ରକ୍ରିୟାର ପରିଣାମରେ ମାନବ ଜୀବନଶୈଳୀରେ ନକାରାତ୍ମକ ପରିବର୍ତ୍ତନ ଘଟୁଛି। ଏହା ପ୍ରକୃତି ଓ ପରିବେଶର ଅବନତିର କାରଣ ପାଲଟିଛି। ଏବେ ବିଶ୍ୱବାସୀ ଅନୁଭବ କଲେଣି ଯେ ଜୀବନଶୈଳୀରେ ଘଟୁଥିବା ଏପରି ପରିବର୍ତ୍ତନ ବହୁବିଧ ସ୍ୱାସ୍ଥ୍ୟଜନିତ ସମସ୍ୟା ସୃଷ୍ଟି ନିମନ୍ତେ ମୂଳତଃ ଦାୟୀ। ଅନ୍ୟପକ୍ଷରେ, ଗ୍ରହର ପ୍ରାକୃତିକ ପରିସଂସ୍ଥା ଉପରେ ଗୁରୁତର ପ୍ରଭାବ ଏବଂ ସମ୍ବଳର ଉତ୍ସ ଉପରେ ଅତ୍ୟଧିକ ଚାପ ସୃଷ୍ଟି ହୋଇଚାଲିଛି। ସମଗ୍ର ବିଶ୍ୱରେ ପ୍ରଦୂଷଣ, ବିଶ୍ୱତାପନ, ଜଳବାୟୁ ପରିବର୍ତ୍ତନ ଏବଂ ଜୈବ ବିବିଧତାର ଅବକ୍ଷୟ ପରି ଭୟାବହ ପରିବେଶୀୟ ସମସ୍ୟାମାନ ଦେଖାଯାଉଛି। ଏସବୁ ମଧ୍ୟରୁ ମାନବ-ପ୍ରବର୍ତ୍ତିତ ଜଳବାୟୁ ଜରୁରିକାଳୀନ ପରିସ୍ଥିତି ହେଉଛି ସମଗ୍ର ଜୀବଜଗତ ପାଇଁ ଏକ ଗମ୍ଭୀର ଆହ୍ୱାନ।

ଏପରି ବିଶ୍ୱ ଦୃଶ୍ୟପଟରେ ପ୍ରତିକାରାତ୍ମକ ପଦକ୍ଷେପ ଗ୍ରହଣର ପ୍ରୟୋଜନୀୟତାକୁ ବିଶ୍ୱ ନେତୃବର୍ଗ ହୃଦୟଙ୍ଗମ କରିଛନ୍ତି। ସେମାନେ ଉପଯୁକ୍ତ କାର୍ଯ୍ୟଧାରା ପ୍ରୟୋଗର ପ୍ରୟାସ ଆରମ୍ଭ କରିଛନ୍ତି। ଏହି କ୍ରମରେ ମିଳିତ ଜାତିସଂଘ ଆନୁକୂଲ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଜାତିସଂଘର ମହାସଚିବ ଆଣ୍ଟୋନିଓ ଗୁଟେରସ ନିକଟରେ ଗୁଜରାଟର କେଭାଡିଆରେ ମିଳିତ ଭାବେ ସହନୀୟ ଏବଂ ସୁସ୍ଥ ଜୀବନଶୈଳୀ ନିମନ୍ତେ 'ମିଶନ ଲାଇଫ୍' (ପରିବେଶ ପାଇଁ ଜୀବନଶୈଳୀ) କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଥିଲେ, ଜଳବାୟୁ ପରିବର୍ତ୍ତନର ନିୟନ୍ତ୍ରଣ ନିମନ୍ତେ ମାନବ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଅପରିହାର୍ଯ୍ୟ। ଆମେ ସତର୍କ ହେବା ଜରୁରୀ ଯେ ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ କେବଳ ସରକାରୀ ନୀତି ପର୍ଯ୍ୟାପ୍ତ ନୁହେଁ। ଏଥିରେ ବ୍ୟକ୍ତିଠାରୁ ଗୋଷ୍ଠୀ ଓ ସମାଜ ପର୍ଯ୍ୟନ୍ତ ସମସ୍ତଙ୍କର ଯୋଗଦାନ ତଥା ଆମ ମାନସିକତା ଓ କାର୍ଯ୍ୟଧାରାରେ ନୂତନତ୍ୱ ଯଥେଷ୍ଟ ଗୁରୁତ୍ୱ ବହନକରେ। ଦୈନନ୍ଦିନ ଜୀବନର ପ୍ରତ୍ୟେକ ଛୋଟବଡ଼ କାର୍ଯ୍ୟକୁ ଗଣ୍ୟ କରାଯାଇ ପ୍ରସ୍ତୁତ ମନ୍ତ୍ର ଉପରେ ଲାଇଫ ମିଶନ ଆଧାରିତ, ଯାହା ମାନବ ଜୀବନଶୈଳୀକୁ ଠିକ୍ ମାର୍ଗରେ ପରିଚାଳିତ କରିବ। ମିଳିତ ଜାତିସଂଘ ଏବଂ ଅନ୍ୟାନ୍ୟ ଅନ୍ତର୍ଜାତୀୟ ପ୍ଲାଟ୍‌ଫର୍ମରେ ଜଳବାୟୁ କାର୍ଯ୍ୟ ଏବଂ ସହନୀୟ ବିକାଶ ଲକ୍ଷ୍ୟର ପ୍ରାରମ୍ଭିକ ସଫଳତା ପାଇଁ ଏହା ଭାରତର ଏକ ବଳିଷ୍ଠ ପଦକ୍ଷେପ ହେବ। ଗୁଟେରସ ତାଙ୍କ ସମ୍ଭାଷଣରେ ଧନିକ ରାଷ୍ଟ୍ରଗୁଡ଼ିକୁ ସେମାନଙ୍କର ଜଳବାୟୁ ପ୍ରତିଶ୍ରୁତି ପାଳନ କରିବାକୁ ଏବଂ ଭାରତ ପରି ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ଆର୍ଥିକ ତଥା ବୈଷୟିକ ସହାୟତା ପ୍ରଦାନ କରିବାକୁ ଅନୁରୋଧ କରିଛନ୍ତି।



କୋଇଲା, ପେଟ୍ରୋଲିୟମ ଏବଂ ପ୍ରାକୃତିକ ବାଷ୍ପ ପରି ଜୀବାଶ୍ମ ଇନ୍ଧନର ଅତ୍ୟଧିକ ବ୍ୟବହାରରୁ ଅଙ୍ଗାରକାମ୍ଳ ଓ ଅନ୍ୟାନ୍ୟ ସବୁଜଗୃହ ବାଷ୍ପ ସବୁର ବର୍ଦ୍ଧିତ ନିର୍ଗମନ ସମ୍ପ୍ରତି ପୃଥିବୀର ତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନର କାରଣ ପାଲଟିଛି। ଏହା ଯୋଗୁ ବି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସଂଖ୍ୟା ଓ ତୀବ୍ରତା ବୃଦ୍ଧି ଘଟୁଛି। ନକାରାତ୍ମକ ମାନବୀୟ କାର୍ଯ୍ୟଧାରା ପୃଥିବୀ ଉପରେ ବର୍ଦ୍ଧିତ ଚାପ ଏବଂ ଅଙ୍ଗାରକ ପଦଚିହ୍ନ (ଅଧିକ ଅଙ୍ଗାରକାମ୍ଳ) ବୃଦ୍ଧିର କାରଣ ହେଉଛି, ଯାହା ହିଁ ଆଜିର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ପ୍ରଧାନମନ୍ତ୍ରୀ ଦୁଇଟି ଦୃଷ୍ଟାନ୍ତ ଉପସ୍ଥାପନ କରିଛନ୍ତି, ଯାହା ମନକୁ ଆନ୍ଦୋଳିତ କରେ। ଗ୍ରୀଷ୍ମର ପ୍ରଭାବ ଲାଘବ ନିମନ୍ତେ କେତେଜଣ ବ୍ୟକ୍ତି ଏସିର ତାପମାତ୍ରାକୁ ୧୭-୧୮ ଡିଗ୍ରୀରେ ରଖନ୍ତି ଏବଂ ପରେ ଶୀତ ଅନୁଭବ କରି କମ୍ବଳ ଘୋଡ଼ାଇ ହୁଅନ୍ତି। ଏସିର ଏପରି ଅପବ୍ୟବହାର ଦ୍ୱାରା ଅଧିକ ଅଙ୍ଗାରକ ନିର୍ଗମନ ଏବଂ ପରିବେଶ ଉପରେ କ୍ଷତିକାରକ ପ୍ରଭାବ ବିସ୍ତାର ହୁଏ। ଏଥି ନିମନ୍ତେ ଏସି ତାପମାତ୍ରାକୁ ୨୪ ଡିଗ୍ରୀରେ ରଖିବା ଏବଂ ବିଦ୍ୟୁତ୍ ବ୍ୟବହାରକୁ ଯଥା ସମ୍ଭବ ହ୍ରାସ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ଜିମ୍ ଉତ୍ସାହୀମାନଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କର ପରାମର୍ଶ ହେଉଛି ପ୍ରାୟ ୫ କି.ମି. ମାଇଲେଜ ଦେଉଥିବା ଏସ୍‌ୟୁଭି କାର୍ ଯୋଗେ ଜିମ୍ ଯାଇ ବ୍ୟାୟାମ କରିବା ଅପେକ୍ଷା ଶ୍ରେଷ୍ଠ ବିକଳ୍ପ ହେବ ଚାଲିଚାଲି ଅଥବା ସାଇକେଲ ଦ୍ୱାରା ଗନ୍ତବ୍ୟସ୍ଥଳକୁ ଯାଇ ଉନ୍ନତ ସ୍ୱାସ୍ଥ୍ୟ ହାସଲ କରିବା ଏବଂ ଶକ୍ତି ଓ ଇନ୍ଧନ ସଂରକ୍ଷଣ ତଥା ପ୍ରଦୂଷଣ ହ୍ରାସକରି ପରିବେଶ ସୁରକ୍ଷାକୁ ବଳିଷ୍ଠ ଅବଦାନ ରଖିବା।

ଜଳବାୟୁ ପରିବର୍ତ୍ତନ ଯୋଗୁ ପର୍ବତସ୍ଥ ହିମବାହ ଏବଂ ମେରୁଅଞ୍ଚଳର ବରଫ ତରଳୁଛି, ସମୁଦ୍ର ପତ୍ତନରେ ବୃଦ୍ଧି ଘଟୁଛି, ପ୍ରକୃତି ଓ ପରିବେଶ ଅବକ୍ଷୟିତ ହେଉଛି, ଜୈବ ବିବିଧତାର ହ୍ରାସ ଘଟୁଛି, ପ୍ରାକୃତିକ ବିପର୍ଯ୍ୟୟରେ ବୃଦ୍ଧି ଏବଂ ଅନ୍ୟାନ୍ୟ ବହୁ ବିନଷ୍ଟକାରୀ ପ୍ରଭାବ ଦୃଶ୍ୟମାନ ହେଉଛି। ମୋଦି ଏହା ମଧ୍ୟ କହିଛନ୍ତି ଯେ ମିଶନ ଲାଇଫ୍ ଧରିତ୍ରୀର ଉନ୍ନତି ଏବଂ ଉତ୍କର୍ଷ ସାଧନ ନିମନ୍ତେ ପି୩ (ପ୍ରୋ-ପ୍ଲାନେଟ୍ ପିପଲ) ବା ପୃଥିବୀ ସପକ୍ଷବାଦୀ ଲୋକଙ୍କର କାର୍ଯ୍ୟଧାରାକୁ ସୁଦୃଢ଼ କରିବ। ସମ୍ବଳ ବ୍ୟବହାରରେ ମିତବ୍ୟୟିତା ଅବଲମ୍ବନ କରିବା, ଯେଉଁସବୁ ପଦାର୍ଥ ପରିବେଶର କ୍ଷତି ସାଧନକରେ ତାହାକୁ ବର୍ଜନ କରିବା ଏବଂ ଖାଦ୍ୟ ନଷ୍ଟକୁ ଏଡ଼ାଇବା ଆମର ଈପ୍ସିତ ଲକ୍ଷ୍ୟ ହେଉ। ଅଣନବୀକରଣଯୋଗ୍ୟ ଉତ୍ସଗୁଡ଼ିକର ଅତ୍ୟଧିକ ବ୍ୟବହାର ଏବଂ ଅପଚୟକୁ ରୋକାଯାଇ ସମ୍ବଳ ସଙ୍କଟକୁ ନିୟନ୍ତ୍ରଣ କରାଯାଉ।

ଇଜିପ୍ଟରେ ଅନୁଷ୍ଠିତ ଜାତିସଂଘର ମହା ଜଳବାୟୁ ସମ୍ମିଳନୀ(କପ୍୨୭)ରେ ବିଶ୍ୱଜନତାଙ୍କୁ ସହନୀୟ ଜୀବନଯାପନ ନିମନ୍ତେ ଉତ୍ସାହିତ କରିବା ଏହି ମିଶନର ଉଦ୍ଦେଶ୍ୟ। ଜଳବାୟୁ ପରିବର୍ତ୍ତନର ବିପର୍ଯ୍ୟୟରୁ ଜୀବଜଗତକୁ ସୁରକ୍ଷିତ ରଖିବାର ଅନ୍ତର୍ନିହିତ ଲକ୍ଷ୍ୟ ଥିବା ଏହି ବିଶ୍ୱସ୍ତରୀୟ ଯୋଜନା ଜଳବାୟୁ ଅନୁକୂଳ ଆଚରଣ ପ୍ରଦର୍ଶନ ଏବଂ ପରିବେଶଧର୍ମୀ ଜୀବନଯାପନକୁ ପ୍ରୋତ୍ସାହିତ କରେ। ଏହି ଧାରଣା ସମ୍ବଳର 'ଚେତନାହୀନ ଓ ଅପଚୟ ବ୍ୟବହାର' ପରିବର୍ତ୍ତେ 'ସଚେତନ ଏବଂ ସୁଚିନ୍ତିତ ବ୍ୟବହାର' ଉପରେ ଗୁରୁତ୍ୱ ଆରୋପ କରେ। ବର୍ତ୍ତମାନର ବିନାଶକାରୀ କାର୍ଯ୍ୟଧାରା ତଥା ଉତ୍ପାଦର 'ବ୍ୟବହାର-ଓ-ବର୍ଜନ' ପ୍ରକ୍ରିୟା ଏବଂ ରୈଖିକ ଅର୍ଥନୀତି ପରିବର୍ତ୍ତେ ସମ୍ବଳ ସଂରକ୍ଷଣ ଏବଂ ବୃତ୍ତାକାର ଅର୍ଥନୀତି ଉପରେ ଏହି ମିଶନ ପର୍ଯ୍ୟବସିତ। ବ୍ୟକ୍ତିବିଶେଷଙ୍କର ଏକ ବିଶ୍ୱସ୍ତରୀୟ ନେଟ୍‌ୱର୍କ ସୃଷ୍ଟି ଏବଂ ସକ୍ରିୟ ଅଂଶଗ୍ରହଣ ଦ୍ୱାରା ଏହି ମିଶନ ସଫଳତା ହାସଲ କରିବ। ସରକାର, ଅନୁଷ୍ଠାନ, ନାଗରିକ ସମାଜ ଏବଂ ବ୍ୟକ୍ତି -ଏ ସମସ୍ତଙ୍କର ସହମତି ଓ ସମ୍ମିଳିତ ଉଦ୍ୟମ ହିଁ ପରିବେଶ ସଙ୍କଟରୁ ମାନବ ସମାଜକୁ ମୁକ୍ତ କରିବାର ପଥ ପ୍ରଦର୍ଶନ କରିବ। ଲକ୍ଷ୍ୟ ସାଧନ ନିମନ୍ତେ ପୃଥିବୀ ସପକ୍ଷବାଦୀ ଗୋଷ୍ଠୀଙ୍କ ପ୍ରତିବଦ୍ଧତା ଏକାନ୍ତ ଅପରିହାର୍ଯ୍ୟ।

**ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**
**ମୋ-୯୪୩୭୦୭୬୧୦୦**

# ପ୍ରଗତି ଓ ପରମ୍ପରା



ଡ. ପ୍ରଫୁଲ୍ଲ କୁମାର ସାହୁ

ମାନବୀୟ ବିଚାରବୋଧରୁ ବିକଶିତ ସାମାଜିକ ଜୀବନଧାରା ହେଉଛି ସଂସ୍କୃତି। ରୀତିନୀତି,ଧର୍ମକର୍ମ, ଖାଦ୍ୟପେୟ, ବେଶପୋଷାକ,ପର୍ବପର୍ବାଣି ଓ ପ୍ରଥା-ପରମ୍ପରା ଇତ୍ୟାଦି ତା'ର ଅଙ୍ଗୀଭୂତ ବିଷୟ। ଅର୍ଥାତ୍ ଜୀବନ ବଞ୍ଚିବା ପାଇଁ ମଣିଷ ଯେତେ ଯାହା ଆବଶ୍ୟକ କରେ ସେ ସକଳକୁ ଆମେ ଗୋଟିଏ ଶବ୍ଦରେ କହୁ ସଂସ୍କୃତି। ଆମ ସହ ଆଉ ଦୁଇଟି ଶବ୍ଦ ଯୋଡ଼ିହୋଇ ରହିଛି-ଧର୍ମ ଓ ପରମ୍ପରା। ଧର୍ମର ସ୍ୱରୂପ ହେଉଛି ସତ୍ୟ ଓ ଆଧ୍ୟାତ୍ମିକତା। ଆମେ ଏ ପୃଥିବୀରେ ଜନ୍ମହେବା ବେଳକୁ ଜୀବନଧାରଣ ପାଇଁ ମା' ସ୍ତନରେ କ୍ଷୀରଠାରୁ ଆରମ୍ଭ କରି ପାଣି ପବନ ଆଦି ଯାବତୀୟ ଉପାଦାନ ସଜଡ଼ାହୋଇ ରହିଛି ଏକ ବ୍ୟବସ୍ଥିତ ଢଙ୍ଗରେ। ଏସବୁ ସୃଷ୍ଟି କରିବା ନିଶ୍ଚୟ ମଣିଷର ସାମର୍ଥ୍ୟ ବାହାରେ। ଅର୍ଥାତ୍ ଏହାର ସ୍ରଷ୍ଟା ହେଉଛନ୍ତି କୌଣସି ଅଦୃଶ୍ୟ ଶକ୍ତି ବା ଈଶ୍ୱର। ଏହି ଅବବୋଧକୁ ଆଧାରକରି ପରିପୁଷ୍ଟ ହୋଇଛି ଭାରତୀୟ ସଂସ୍କୃତି। ତାକୁ ଉଜ୍ଜୀବିତ କରି ରଖିବାର ପ୍ରକ୍ରିୟା ହେଉଛି ପରମ୍ପରା। ବସ୍ତୁତଃ ସଂସ୍କୃତି ସ୍ଥିର ନୁହେଁ,ଗତିଶୀଳ, ଯାହାକୁ କୁହାଯାଏ ସାଂସ୍କୃତିକ ପ୍ରବାହ। ସାଧାରଣତଃ ଗୋଟିଏ ଅଞ୍ଚଳର ଭୌଗୋଳିକ ଅବସ୍ଥିତି, ଜଳବାୟୁ ଓ ପାରିପାର୍ଶ୍ୱିକ ଅବସ୍ଥାକୁ ଭିତ୍ତିକରି ସେଠାକାର ସଂସ୍କୃତି ଗଢ଼ିଉଠେ ଏବଂ ତାହା ସେଠାକାର ଅଧିବାସୀଙ୍କ ଜୀବନଶୈଳୀ ଭାବେ ପ୍ରତିଷ୍ଠା ଲାଭକରେ ଶହଶହ ବର୍ଷର ପରୀକ୍ଷା ନିରୀକ୍ଷା ପରେ। ସମୟକ୍ରମେ ପାରିବେଶିକ ପ୍ରଭାବ ତଥା ଜ୍ଞାନବିଜ୍ଞାନର ବିକାଶ କାରଣରୁ ପରମ୍ପରାରେ ଆସିବା ସ୍ୱାଭାବିକ। ମାତ୍ର କୌଣସି ପରମ୍ପରାକୁ ବଳପୂର୍ବକ ବଦଳେଇବାକୁ ଚେଷ୍ଟାକଲେ ବିଳପିଉଠେ ଜାତିର ସାଂସ୍କୃତିକ ଆତ୍ମା।

ପରମ୍ପରାକୁ ଅନ୍ଧବିଶ୍ୱାସ କହି ତାଚ୍ଛଲ୍ୟ କରିବା ପରିବର୍ତ୍ତେ ଆଉଁଶା ଆଦର ମାଧ୍ୟମରେ ତା'ର ହାନିକାରକ ଦିଗଗୁଡ଼ିକୁ ଲୋକଲୋଚନକୁ ଆଣିବା ଦରକାର। ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି କିଛି ପରମ୍ପରା ପଛରେ ବୈଜ୍ଞାନିକ ସତ୍ୟ ଥାଉ କି ନ ଥାଉ,ସେଥିରେ ନିହିତ ସମାଜକୁ ଶୃଙ୍ଖଳିତ କରି ଗଢ଼ିତୋଳିବାର ଅନ୍ତଃ ପ୍ରେରଣା। ବିଜ୍ଞାନ ପ୍ରମାଣ ଆଧାରିତ ହେଲେ,ସଂସ୍କୃତି ହେଉଛି ବିଶ୍ୱାସ ଆଧାରିତ। ଏହି ପରିପ୍ରେକ୍ଷୀରେ ଆସିବା ବର୍ତ୍ତମାନ ଆମେ ପାଳନ କରୁଥିବା କାର୍ତ୍ତିକ ବ୍ରତ ପାଖକୁ,ଯାହା ଆମ ପୂର୍ବଜଙ୍କ ଜ୍ଞାନଗର୍ଭା ଚିନ୍ତା ପ୍ରସୂତ ଏକ ଆଧ୍ୟାତ୍ମିକ ଆୟୋଜନ। ଭାରତୀୟ ଧାର୍ମିକ ପରମ୍ପରାରେ ଭକ୍ତି ଓ ସମର୍ପଣର ମାସ କାର୍ତ୍ତିକ। କାର୍ତ୍ତିକ ବ୍ରତକୁ ନେଇ ସମୁଦାୟ ମାସଟା ବିତିଯାଏ ଶୁଦ୍ଧ ଆଚରଣ ଓ ଦିବ୍ୟ ବାତାବରଣ ଭିତରେ। ପବିତ୍ର କାର୍ତ୍ତିକର ପ୍ରତି ପ୍ରଭାତ ଶ୍ରଦ୍ଧାଳୁଙ୍କ ମନରେ ଆଣିଦିଏ ଏକ ଶୁଦ୍ଧ ସାତ୍ତ୍ୱିକ ଏକାଗ୍ର ଭାବ। ପ୍ରାତଃ ସ୍ନାନ, ତୁଳସୀ ଅର୍ପଣ, ହବିଷାନ୍ନ ସେବନ,ରାଇ ଦାମୋଦର ପୂଜନ, ଆକାଶଦୀପ ପ୍ରଜ୍ୱଳନ,ପଞ୍ଚକ ପାଳନ ଓ ରାସଲୀଳା ଶ୍ରବଣ ଆଦି ପ୍ରାଣରେ ଆଣିଦିଏ ଏକ ଆଧ୍ୟାତ୍ମିକ ଉଦ୍‌ବେଳନ। ଆଧ୍ୟାତ୍ମିକତା ଉପଲବ୍ଧି ନିମନ୍ତେ କାର୍ତ୍ତିକ ବ୍ରତ ହେଉଛି ଏକ ସାଂସ୍କୃତିକ ବିଧାନ। ବହୁ ପରୀକ୍ଷା ନିରୀକ୍ଷା ପରେ ପ୍ରତିଷ୍ଠା ଲାଭ କରିଥିବା ଏହି ବିଧାନ ଅନ୍ତରାଳରେ ରହିଛି ସୁସ୍ଥ ସୁନ୍ଦର ଓ ଉତ୍ସର୍ଗୀକୃତ ଜୀବନ ବଞ୍ଚିବାର ସୂତ୍ର। ଏହା ଯେତିକି ଆଚାରସିଦ୍ଧ,ସେତିକି ବିଜ୍ଞାନ ସମ୍ମତ।



ଶାସ୍ତ୍ର କହେ, ଆମିଷ ଭକ୍ଷଣ କଲେ ମଣିଷ ଭିତରେ କାମ, କ୍ରୋଧ, ଈର୍ଷା ଓ ଉତ୍ତେଜନା ବଢ଼େ ଓ ହ୍ରାସପାଏ ସଂଯମ ଓ ଶୃଙ୍ଖଳା। ଏହି ଦୃଷ୍ଟିରୁ ବିଚାରକଲେ ସାମୟିକ ଭାବରେ ହେଲେ ବି କାର୍ତ୍ତିକବ୍ରତ ଅନେକଙ୍କୁ ଆମିଷ ଭକ୍ଷଣରୁ ନିବୃତ୍ତ ରଖିବା ସହିତ ସେମାନଙ୍କ ଭିତରେ ସୃଷ୍ଟିକରେ ଜୀବେ ଦୟା ଭାବ। ଅନେକ ଲୋକ ମାସାଧିକ କାଳ ଆମିଷ ବର୍ଜନ କରିବା ଫଳରେ ବଞ୍ଚିଯାଏ ଅନେକ ନିରୀହ ପ୍ରାଣୀଙ୍କ ଜୀବନ। ଅର୍ଥାତ୍ ଏହା ପରିବେଶର ରକ୍ଷକ ଓ ଭକ୍ଷକ ମଧ୍ୟରେ ସନ୍ତୁଳନ ରକ୍ଷାର ଏକ କୌଶଳପୂର୍ଣ୍ଣ ଆୟୋଜନ। ଆମ ପୂର୍ବଜମାନେ ଜାଣିଥିଲେ, କାର୍ତ୍ତିକ ମାସରେ ସୂର୍ଯ୍ୟ ନିମ୍ନକୁ ଆସିବା ଫଳରେ ବଢ଼ିଯାଏ ହୃଦ୍‌ଘାତର ଆଶଙ୍କା। ଏଥିରୁ ରକ୍ଷାପାଇବାର ଏକ ସହଜ ଉପାୟ ହେଉଛି ପ୍ରାତଃ ସ୍ନାନ ଓ ପ୍ରାତଃ ଭ୍ରମଣ। ଶୀତ ଆରମ୍ଭରୁ ସକାଳୁ ଉଠି ସ୍ନାନ କରିବା ଦ୍ୱାରା ଅଳସପଣ ଦୂରହୁଏ ଏବଂ ଅଧିକ ସକ୍ରିୟ ହୁଏ ଶରୀରର ସୂକ୍ଷ୍ମ ଅଂଶ। ପ୍ରତିଦିନ ମନ୍ଦିର ଯାଇ ଦିଅଁ ଦର୍ଶନ କଲେ ମନକୁ ଉଲ୍ଲସିତ କରେ ସକାରାତ୍ମକ ଭାବନା। ଆୟୁର୍ବେଦ ଅନୁସାରେ ଶୀତର ପହିଲି ସ୍ପର୍ଶରେ ଶରୀରରେ ବୃଦ୍ଧିପାଏ ଅମ୍ଳ ଓ ପିତ୍ତ। ସହଜ ପାଚକ କ୍ରିୟା ପାଇଁ ଶରୀର ଆବଶ୍ୟକ କରେ ଶୁଦ୍ଧ ସାତ୍ତ୍ୱିକ ଆହାର। ତାକୁ ଦୃଷ୍ଟିରେ ରଖି ତିଆରି ହୋଇଛି କାର୍ତ୍ତିକର ସ୍ୱତନ୍ତ୍ର ଖାଦ୍ୟଶୃଙ୍ଖଳା। ବିଶେଷକରି ବିଧବାମାନେ ଏହି ଖାଦ୍ୟଶୃଙ୍ଖଳା ପ୍ରତି ଅଧିକ ଧ୍ୟାନ ଦିଅନ୍ତି ଏବଂ ଦିନରେ ଥରୁଟିଏ ଆହାର କରନ୍ତି ମୁଗ, କଦଳୀ, ଓଉ,ସାରୁ ଓ ଓଲୁଅ ଆଦିରେ ପ୍ରସ୍ତୁତ ହବିଷାନ୍ନ। ବର୍ଜନ କରିଥିବା ଅନ୍ୟାନ୍ୟ ବ୍ୟଞ୍ଜନ ସାମଗ୍ରୀକୁ ସେମାନେ ପୁଣି ଗ୍ରହଣ କରନ୍ତି ବ୍ରତ ଉଦ୍‌ଯାପନ ପରେ। ଏହି କ୍ରମରେ କାର୍ତ୍ତିକ ପୂର୍ଣ୍ଣିମା ପରଦିନକୁ କୁହାଯାଏ ଛାଡ଼ଖାଇ, ଯା'ର ଉଦ୍ଦେଶ୍ୟକୁ କଦର୍ଥ କରି ଏବେ ପାଳନ ହେଉଛି ଆମିଷ ଉତ୍ସବ।

ସାଧାରଣତଃ ଶ୍ରଦ୍ଧା ଓ ବିଶ୍ୱାସ ନ ଥିଲେ ଆଚରଣରେ ଆସେନି ଶୁଦ୍ଧତା। ଏହି କାରଣରୁ ଆମିଷ ରସ ଆସ୍ୱାଦନର ବ୍ୟାକୁଳତା ଆଗରେ ଆଦୌ ଉଧେଇପାରୁନି ଆଧ୍ୟାତ୍ମିକ ଭାବନା। ପରମ୍ପରା ଦାୟରେ କାର୍ତ୍ତିକ ବ୍ରତ ପାଳନ କରୁଥିବା ତଥାକଥିତ ଶ୍ରଦ୍ଧାଳୁଙ୍କ ସଂଖ୍ୟା ତ ବଢ଼ିବଢ଼ି ଯାଉଛି, ହେଲେ ଭାବ ନ ଥିଲେ ଆଚରଣରେ ଶୁଦ୍ଧତା ଆସିବ କାହୁଁ ? ସେଥିପାଇଁ ଅନେକ ବ୍ରତଚାରୀ ମାସ ଆରମ୍ଭରୁ ଦିନ ଗଣିଗଣି ଛଟପଟ ହୁଅନ୍ତି ଛାଡ଼ଖାଇ ନାମକ ମହାର୍ଘ ମୁହୂର୍ତ୍ତର ପ୍ରତୀକ୍ଷାରେ। ସେମାନଙ୍କ ପାଇଁ ପୂର୍ଣ୍ଣିମା ଦିନ ମନ୍ଦିର ଯାଇ ଦିଅଁ ଦର୍ଶନ କରିବାର ଦିବ୍ୟ ଭାବନାକୁ ବଳିଯାଏ ସକାଳୁ ଉଠି ମାଂସଦୋକାନକୁ ଧାଇଁବାର ବ୍ୟାକୁଳତା। ସେମାନଙ୍କ ଆମିଷରସ ଆସ୍ୱାଦନର ବୈକଲ୍ୟ ଆଗରେ କୌଣସି ମୂଲ୍ୟ ରଖେନି ନିରୀହ ପଶୁପକ୍ଷୀଙ୍କ କଷ୍ଟ, ଯନ୍ତ୍ରଣା, କୋହ ଓ ଆର୍ତ୍ତନାଦ। ଅଥଚ ଏମାନେ ନିଜକୁ ହିନ୍ଦୁ ସଂସ୍କୃତିର ଜଗୁଆଳି କହି ନିଜ ଡେଙ୍ଗୁରା ନିଜେ ପିଟନ୍ତି ଶାସ୍ତ୍ରପୁରାଣର ଉଦାହରଣ ଦେଇ। ହେତୁବାଦୀମାନଙ୍କୁ ଧର୍ମଦ୍ରୋହୀ ବୋଲି ଆକ୍ଷେପକରି ପ୍ରୟୋଗ କରନ୍ତି କେତେକେତେ ଅପଶବ୍ଦ। ହେଲେ ପ୍ରଗତିର ପକ୍ଷଧର କିଏ? ପରମ୍ପରାକୁ ଅନ୍ଧବିଶ୍ୱାସ କହି ଖୋଲାଖୋଲି ବିରୋଧ କରୁଥିବା ହେତୁବାଦୀମାନେ ନା ଆତ୍ମସ୍ୱାର୍ଥ ପାଇଁ ସଂସ୍କୃତିର ମୂଳତତ୍ତ୍ୱଠାରୁ ଦୂରେଇଯାଉଥିବା ଛଦ୍ମ ଶ୍ରଦ୍ଧାଳୁମାନେ ?

**ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ନଗର,ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

## ଏଇ ଭାରତରେ

'କନ୍ୟାରତ୍ନ' ଏକଥା ଜାଣି ମଧ୍ୟ ଅନେକେ ଏବେ ସୁଦ୍ଧା ସେମାନଙ୍କୁ ମାତୃଗର୍ଭରୁ ହତ୍ୟା କରୁଛନ୍ତି। ଭ୍ରୁଣ ନିରୂପଣ ଓ ହତ୍ୟା ଭଳି ବେଆଇନ କାର୍ଯ୍ୟ ଲାଗି ଦଣ୍ଡ ବ୍ୟବସ୍ଥା କରାଯାଇଥିଲେ ବି ଲୁଚାଛପାରେ ଏହା ଚାଲିଛି। ତେବେ କନ୍ୟାଭ୍ରୁଣ ହତ୍ୟା ରୋକିବା ଲାଗି ପୁଣେର ଏକ ହସ୍ପିଟାଲର ନୂଆ ଅଭିଯାନ ସାମ୍ନାକୁ ଆସିଛି ଓ 'ବେଟି ବଚାଓ ମିଶନ'ର ଉଦାହରଣ ପାଲଟିଛି। କନ୍ୟାଭ୍ରୁଣ ହତ୍ୟା ବିରୋଧରେ ଅଭିଯାନରେ କନ୍ୟା ସନ୍ତାନ ଜନ୍ମ ହେଲେ ଉକ୍ତ ହସ୍ପିଟାଲରେ ମାଗଣା ଚିକିତ୍ସା ଯୋଗାଇ ଦିଆଯାଉଛି। ଏହା ବ୍ୟତୀତ ଏହି ଡାକ୍ତରଖାନା ଲୋକଙ୍କୁ ଗର୍ଭପାତ ବିରୋଧରେ ସଚେତନ କରାଯାଉଛି। କନ୍ୟାଭ୍ରୁଣ ହତ୍ୟା ବିରୋଧରେ ଅଭିଯାନ ୨୦୧୨ରେ ଆରମ୍ଭ କରାଯାଇଥିଲା। ଗତ ୧୧ବର୍ଷ ମଧ୍ୟରେ ପୁଣେର ହାଡପ୍ସରଠାରେ ଥିବା ମାଟର୍ନିଟି ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲରେ ୨୪୦୦ରୁ ଅଧିକ କନ୍ୟା ସନ୍ତାନଙ୍କୁ ମାଗଣାରେ ପ୍ରସବ କରାଯାଇସାରିଲାଣି। ଡାକ୍ତରଖାନାର ଡାକ୍ତର ଗଣେଶ ରାଖ କହନ୍ତି, ଏଥିପାଇଁ ଗର୍ଭବତୀ ପରିବାର ସଦସ୍ୟଙ୍କଠାରୁ ଗୋଟିଏ ପଇସା ନିଆଯାଇନାହିଁ । ଏହି ସକାରାତ୍ମକ ପଦକ୍ଷେପ ଯୋଗୁ ଆଖପାଖ ଅଞ୍ଚଳରେ କନ୍ୟାଭ୍ରୁଣ ହତ୍ୟା ମାମଲାରେ ହ୍ରାସ ଘଟିଛି।

## ୨୫ ବର୍ଷ ତଳର ଧରିତ୍ରୀ

୮ ନଭେମ୍ବର ୧୯୯୭

- କ୍ୟୁବାର ପୂର୍ବାଞ୍ଚଳ ହୋଇଗୁଇନ ପ୍ରଦେଶରେ ଏକ ଲେଭଲକ୍ରସିଂ ନିକଟରେ ଟ୍ରେନ ସହ ବସ୍‌ର ଧକ୍କା ହେବା ଫଳରେ ୫୬ ଜଣଙ୍କ ମୃତ୍ୟୁ।
- ଭାରତ-ବାଂଲାଦେଶ ସୀମାନ୍ତବର୍ତ୍ତୀ ଧଲାଇ ଜିଲାର ରାଇସାବରୀଠାରେ ତ୍ରିପୁରା ଉଗ୍ରପନ୍ଥୀଙ୍କ ବୋମା ବିସ୍ଫୋରଣରେ ୯ ଜଣ ସୀମା ସୁରକ୍ଷା ବାହିନୀର ଯବାନ ସମେତ ୨୧ ନିହତ।
- ଭାରତୀୟ ରିଜର୍ଭ ବ୍ୟାଙ୍କର ନୂତନ ଗଭର୍ଣ୍ଣର ଭାବେ ବିଶିଷ୍ଟ ଅର୍ଥବିତ୍ ବିମଳ ଜାଲାନଙ୍କୁ ନିଯୁକ୍ତି ପ୍ରଦାନ।

## su|do|ku
Puzzles by Srikant Ghosh
## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 6 | | | | | | | 8 |
| 9 | 5 | | | | | | | 6 |
| | | | 2 | | | | | |
| | 4 | 1 | | | | 3 | | |
| | | | | | | | | |
| 6 | 2 | | | 1 | 4 | | 9 | |
| | | | 3 | | | 6 | | |
| | 3 | | 7 | | 1 | | | |
| 5 | | | | | 6 | 8 | | 4 |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ବାମ ପାର୍ଶ୍ୱରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 6 | 1 | 5 | 7 | 9 | 3 | 2 | 4 |
| 3 | 7 | 2 | 8 | 4 | 6 | 9 | 1 | 5 |
| 4 | 5 | 9 | 2 | 3 | 1 | 6 | 8 | 7 |
| 2 | 3 | 7 | 9 | 5 | 8 | 1 | 4 | 6 |
| 6 | 4 | 5 | 1 | 2 | 3 | 8 | 7 | 9 |
| 1 | 9 | 8 | 4 | 6 | 7 | 5 | 3 | 2 |
| 7 | 2 | 6 | 3 | 8 | 5 | 4 | 9 | 1 |
| 9 | 8 | 4 | 6 | 1 | 2 | 7 | 5 | 3 |
| 5 | 1 | 3 | 7 | 9 | 4 | 2 | 6 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଫର୍ମାଲିନ୍‌ଦିଆ ମାଛର ଅବାଧ ବିକ୍ରି

ମହାଶୟ,

କଟକ,ଭୁବନେଶ୍ୱର ପରି ସହରାଞ୍ଚଳରେ ଅପମିଶ୍ରିତ ତେଲ, ମସଲା ଇତ୍ୟାଦିର ଅପମିଶ୍ରଣ କାରଖାନା ଠାବହେଉଥିବା ସ୍ଥଳେ ଗ୍ରାମାଞ୍ଚଳରେ ଫାର୍ମାଲିନ୍ ଦିଆ ମାଛ, ଶୁଖୁଆ ସହିତ କାର୍ବାଇଡ୍ ଦ୍ୱାରା ପାଚିଲା କଦଳୀ, ଆମ୍ବ ଆଦି ଫଳ ବର୍ଷତମାମ ବିକ୍ରି କରାଯାଉଛି। ସ୍ଥାନୀୟ ପୋଲିସ ପ୍ରଶାସନ ସବୁକିଛି ଜାଣି ନୀରବଦ୍ରଷ୍ଟା ସାଜିଛି। ଏଭଳି ଖାଦ୍ୟଦ୍ରବ୍ୟର ଅପମିଶ୍ରଣ ଓ ବିଷାକ୍ତୀକରଣ ସାଧାରଣ ଗରିବ ଲୋକଟିକୁ ଅତ୍ୟନ୍ତ ଦୟନୀୟ ଜୀବନ ଜିଇଁବାକୁ ବାଧ୍ୟ କରୁଛି। ତୃଣମୂଳରୁ ଚୂଳ ଯାଏ ସରକାରୀକଳ ଏକମାତ୍ର କାମ ଭୋଟ ହାର ବୃଦ୍ଧି କରିବା ଛଡ଼ା ଆଉ ସବୁ ନ୍ୟୂନ ଓ ଗୌଣ କାମ ବୋଲି ମନେକରୁଛି।

**–ଶ୍ରୀଧର ନାୟକ, ଆଳି, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ବିଟପ ଛାୟାର ନିବିଡ଼ ତମସା ତଳରେ
କେତେ ରୂପ
ଜାଳିଲା ଅର୍ଘ୍ୟ ଶୁଭ ପରଦୋଷ ବେଳରେ
ବାଳ ଧୂପ।
–(ମନେ ନାହିଁ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ମଙ୍ଗଳବାର, ୮ ନଭେମ୍ବର, ୨୦୨୨

## କରଞ୍ଜିଆରେ ବଡ଼ ଓଷା

ଚମ୍ପୁଆ,(ଡି.ଏନ୍.ଏ): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ବ୍ରହ୍ମପୁର କରଞ୍ଜିଆଠାରେ ମହାଦେବଙ୍କ ପବିତ୍ର ବଡ଼ ଓଷା ପର୍ବ ପାଳିତ ହୋଇଯାଇଛି। ସ୍ଥାନୀୟ ମେଳା ପଡ଼ିଆଠାରେ ତଥା ଗଙ୍ଗେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ନିଷ୍ଠାର ସହ ପର୍ବ ପାଳିତ ହୋଇଥିଲା। ବ୍ରତଧାରୀମାନେ ଉପବାସର ସହ ପବିତ୍ର ପ୍ରସାଦ ପ୍ରସ୍ତୁତ କରି ପୂଜାର୍ଚ୍ଚନା କରିଥିଲେ।



## ସଂକ୍ଷେପରେ

### ଡିଇଓ ଅଫିସ ଆଗରେ ଧାରଣା ଦେଲା ଶିକ୍ଷକ ସଂଘ

**କେନ୍ଦୁଝର,୭।୧୧(ସ୍ୱ.ପ୍ର.):** ଓଡ଼ିଶା ମାଧମିକ ଶିକ୍ଷକ ସଂଘ ଓ ଅବସରପ୍ରାପ୍ତ ଶିକ୍ଷକ ସଂଘର କର୍ମକର୍ତ୍ତା ଶୁକ୍ରବାର ଜିଲା ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଗତ ସେପ୍ଟେମ୍ବର ୩୦ରେ ଜିଲା ଶିକ୍ଷାଅଧିକାରୀଙ୍କ ସହ ହୋଇଥିବା ଆଲୋଚନାରେ ଦିଆଯାଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ହୋଇ ନ ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ଏଥିସହ ଅବସରପ୍ରାପ୍ତ ଓ କାର୍ଯ୍ୟରତ ଶିକ୍ଷକମାନଙ୍କୁ ଅପମାନିତ କରିଥିବା ସମ୍ପୃକ୍ତ ଅଫିସରଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ପେନ୍‌ସନ୍ ପେପର ନିର୍ଦ୍ଧାରିତ ସମୟରେ ପଠାଯାଉନାହିଁ, କିଛି କର୍ମଚାରୀଙ୍କ ସେବା ପୁସ୍ତକ ମଧ ଅଫିସରେ ମିଳୁନାହିଁ। ତେଣୁ ବାଧ ହୋଇ ଏହି ଆନ୍ଦୋଳନମ୍ବକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି ବୋଲି ସେମାନେ କହିଛନ୍ତି। ଏଥିରେ ବହୁସଂଖ୍ୟାରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ଯୋଗଦେଇଥିଲେ।

### ଶିବ ମନ୍ଦିରରୁ ଚୋରି

**ବୈଶିଙ୍ଗା,୭।୧୧(ଡି.ଏନ.ଏ.)-** ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଞ୍ଚଳରେ ମନ୍ଦିର ଚୋରି ଥମିବାର ନାଁ ନେଉନାହିଁ। ଏଥର ଟାର୍ଗେଟରେ ଥିଲା ଥାନାଠାରୁ ମାତ୍ର ୨ କି.ମି. ଦୂର ନଛିପୁରିଆସ୍ଥିତ ଶିବ ମନ୍ଦିର। ଶନିବାର ବିଳମ୍ବିତ ରାତିରେ ଠାକୁରଙ୍କର ବିଭିନ୍ନ ସାମଗ୍ରୀ ଚୋରି ହୋଇଛି। କାର୍ତ୍ତିକ ମାସର ମହାପଞ୍ଚକ ଚାଲିଥିବାରୁ ସୂର୍ଯ୍ୟୋଦୟ ପୂର୍ବରୁ ମହିଳାମାନେ ଉକ୍ତ ମନ୍ଦିରକୁ ଦିଅଁ ଦର୍ଶନ ପାଇଁ ଆସି ତାଲା ଭଙ୍ଗାଯାଇ ଠାକୁରଙ୍କର ବାସନକୁସନ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଖବରପାଇ ବୈଶିଙ୍ଗା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ଚୋରଙ୍କ ଟେର ପାଇ ପାରିନାହିଁ। ତେବେ ଗତ ୨ମାସ ମଧରେ କ୍ରମାଗତ ଭାବରେ ନିକଟସ୍ଥ ୬ଟି ମନ୍ଦିରରୁ ଚୋରି ହେବା ନେଇ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପୋଲିସ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ଦାବି ହେଉଛି।

### ରାହାସ ଉତ୍ସବ

**ଭଦ୍ରକ ଅଫିସ,୭।୧୧:** ଭଦ୍ରକ ବ୍ଲକ ଇଚ୍ଛାପୁର ନିକଟସ୍ଥ କୁଣ୍ଡୀବାଗ ଜଗନ୍ନାଥ ମନ୍ଦିରରେ ପ୍ରତିବର୍ଷ ପରି ଏବର୍ଷ ରାହାସ ଉତ୍ସବ ପାଳିତ ହେଉଛି। ଲକ୍ଷ୍ମୀଧର ଦାସଙ୍କ ତତ୍ତ୍ୱାବଧାନରେ ଗତ ଅମାବାସ୍ୟାଠାରୁ ଆକାଶଦୀପ ପ୍ରଦାନ, ଭଗବତ ପାଠ କରାଯାଉଛି। ସକାଳ ୫ଟାରୁ ମହାପ୍ରଭୁଙ୍କ ମଙ୍ଗଳ ଆଳତି କରାଯାଇ ବୃନ୍ଦାବତୀ ପରିକ୍ରମା, ନାମ ସଂକୀର୍ତ୍ତନ ସହ ମନ୍ଦିର ପରିକ୍ରମା ଓ କାର୍ତ୍ତିକ ମହାତ୍ମ୍ୟ ପାଠ କରାଯାଉଛି। ରାଧାକୃଷ୍ଣଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଇ ମନ୍ଦିର ପ୍ରାଙ୍ଗଣରେ ଯଥାରୀତି ପୂଜା ଚାଲିଛି। ମନ୍ଦିର ପ୍ରତିଷ୍ଠାତା ଦାମୋଦର ଦାସ, ବୃନ୍ଦାବନ ଦାସ, କାହ୍ନୁଚରଣ ଦାସଙ୍କ ସମେତ ଗ୍ରାମବାସୀଙ୍କ ସହଯୋଗରେ ଉତ୍ସବ ପାଳନ ହେଉଛି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

**ମୋରଡା,୭।୧୧(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ସେହି ଗ୍ରାମର ଜଣେ ଯୁବକ ବଳାତ୍କାର କରିଥିବା ଓ ନାବାଳିକା ଜଣକ ୫ ମାସର ଅନ୍ତଃସ୍ୱତ୍ତା ହେବା ନେଇ ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ. ୩୧୦/୨୨) ରୁଜୁ କରି ଅଭିଯୁକ୍ତଙ୍କୁ ଅଟକ ରଖିଛି।

# ଉନ୍ନୟନ କାମ ବନ୍ଦ ପ୍ରତିବାଦରେ ଧାରଣା

## ନିମ୍ନମାନର କାମକୁ ବ୍ଲକ ଅଧ୍ୟକ୍ଷା,ଉପାଧ୍ୟକ୍ଷଙ୍କ ବିରୋଧ

**ଠାକୁରମୁଣ୍ଡା,୭।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ଅଧୀନ ସାଲେଇବେଡ଼ାସ୍ଥିତ ବିର୍ସା ମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ଆରମ୍ଭ ହୋଇଥିବା ୫-ଟି ଯୋଜନାର କାମ ନିମ୍ନମାନର ହେଉଛି। କାର୍ଯ୍ୟସ୍ଥଳୀକୁ ବିଭାଗୀୟ ଯନ୍ତ୍ରୀ ଯାଇ ତଦାରଖ କରୁନାହାନ୍ତି। ନିର୍ବାଚିତ ହେବାର ୭ ମାସ ହେଲାଣି, କିନ୍ତୁ ବିଡିଓ ଓ ଯନ୍ତ୍ରୀମାନେ ତାଙ୍କୁ ସହଯୋଗ କରୁନାହାନ୍ତି ବୋଲି ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷା ସରୋଜିନୀ ମୁଣ୍ଡା ସୋମବାର ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ସେହିପରି ବ୍ଲକ ଉପାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତ ବ୍ଲକରେ ହେଉଥିବା ଉନ୍ନୟନ କାର୍ଯ୍ୟ ପୂର୍ବରୁ କୌଣସି


ଧାରଣାରେ ବସିଥିବା ଗ୍ରାମବାସୀ।

ସୂଚନାଫଳକ ଲଗାଯାଉନାହିଁ ଏବଂ ବ୍ଲକରେ କର୍ମଚାରୀ କାର୍ଯ୍ୟରେ ଅନୁପସ୍ଥିତ ରହୁଥିବା ନେଇ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସୋମବାର ସାଲେଇବେଡ଼ା ପାଞ୍ଚାୟତର ସରପଞ୍ଚ ପେଲଙ୍ଗ ହୋଙ୍କ ନେତୃତ୍ୱରେ ଗ୍ରାମବାସୀ ବ୍ଲକ ସମ୍ମୁଖରେ ଧାରଣାରେ ବସିବା ସହ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବିର୍ସାମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ହେଉଥିବା ୫-ଟି କାମକୁ ବ୍ଲକ ଅଧ୍ୟକ୍ଷାଙ୍କ ସମର୍ଥକମାନେ ଯାଇ ବନ୍ଦ କରିବାକୁ ଧମକ ଦେଇ ଆସିଥିଲେ। କାମ ବନ୍ଦ ହୋଇଯିବାରୁ ଏହାର ପ୍ରତିବାଦରେ ଗ୍ରାମବାସୀ ବ୍ଲକ ଅଧ୍ୟକ୍ଷାଙ୍କ ଅଫିସ ଘେରାଉ କରିଥିଲେ। ଆଗାମୀ ଦିନରେ କେହି କାମ ବନ୍ଦ କଲେ ଗ୍ରାମବାସୀ ବିରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି। ବିଡିଓ ଅନୁପସ୍ଥିତ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ବାଲେଶ୍ୱର ଡିଭିଜନରେ ୬୮ ମାମଲା ରୁଜୁ

**କେନ୍ଦୁଝର,୭।୧୧(ସ୍ୱ.ପ୍ର.)**

## ୨୦୨୧-୨୨ ଭିଜିଲାନ୍ସ ରିପୋର୍ଟ

■ଧରାପଡ଼ିଛନ୍ତି କ୍ଲାସ୍-୧ ଓ ୨ୟ ଶ୍ରେଣୀ ଅଧିକାରୀ

ପ୍ରତ୍ୟେକ ବର୍ଷ ଦୁର୍ନୀତି ନିବାରଣ ସପ୍ତାହ ପାଳନ ହେଉଛି। ଦୁର୍ନୀତି ବିରୋଧରେ ଜନ ସଚେତନତା ସୃଷ୍ଟି କରିବା ପାଇଁ ଶପଥପାଠ, ରାଲି, ସଭାସମିତି, ପ୍ରତିଯୋଗିତା ଆଦି ଆୟୋଜନ ହେଉଛି। ଏହା ସତ୍ତ୍ୱେ ଦୁର୍ନୀତି କମିବାର ନାଁ ଧରୁନି। ପ୍ରତିଦିନ ରାଜ୍ୟର କେଉଁଠି ନା କେଉଁଠି ଦୁର୍ନୀତି ଅଭିଯୋଗରେ ଅଧିକାରୀ ହୁଅନ୍ତୁ ଅବା ଚତୁର୍ଥ ଶ୍ରେଣୀ କର୍ମଚାରୀ ଧରାପଡୁଛନ୍ତି। ଅନେକ କୋଟି ଟଙ୍କା, କୋଠା, ଜମି ଜବତ ହେଉଛି। ତଥ୍ୟ ମୁତାବକ, ବାଲେଶ୍ୱର ଭିଜିଲାନ୍ସ ଡିଭିଜନ ଅଧୀନରେ ୨୦୨୧ରେ ସମୁଦାୟ ୪୦ ମାମଲା ରୁଜୁ ହୋଇଛି। ସେଥିରୁ ୯ଟି ଆୟବହିର୍ଭୂତ ସମ୍ପତ୍ତି ମାମଲା ଥିବା ବେଳେ ୧୧ଟି ଟ୍ରାପ୍ ଓ ୨୦ଟି ଅନ୍ୟ ଦୁର୍ନୀତି ସମ୍ପର୍କିତ ମାମଲା ରୁଜୁ ହୋଇଛି। ସେଥିରୁ ୭ ଜଣ କ୍ଲାସ୍ ୧ ଅଧିକାରୀ, ୬ ଜଣ କ୍ଲାସ୍ ୨ ଅଧିକାରୀ, ୨୩ ଜଣ କ୍ଲାସ୍ ୩ ଅଧିକାରୀ ଓ ୧୦ ଜଣ ଅନ୍ୟ ଅଧିକାରୀଙ୍କ ବିରୋଧରେ ମାମଲା ହୋଇଛି। ଚଳିତବର୍ଷ ବାଲେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ ୨୮ ମାମଲାର ତଦନ୍ତ କରାଯାଇଥିଲା। ୨୬ଟି କେସ୍‌ରେ ଅଭିଯୋଗ ଫର୍ଦ୍ଦ ଦାଖଲ ହୋଇଥିବା ବେଳେ ୭ଟି କେସ୍‌ରେ ଦଣ୍ଡବିଧାନ ହୋଇଛି। ୨୧ ଜଣଙ୍କୁ ଗିରଫ କରାଯାଇଛି। ସେଥିରେ ୩ ଜଣ କ୍ଲାସ୍ ୧, ୩ ଜଣ କ୍ଲାସ୍ ୨ ଓ ୧୦ ଜଣ କ୍ଲାସ୍ ୩ ଅଧିକାରୀ ରହିଥିବା ବେଳେ ୨ ଜଣ ଅନ୍ୟ ଅଧିକାରୀ ଏବଂ ୩ ଜଣ ବେସରକାରୀ ଲୋକ ଗିରଫ ହୋଇଛନ୍ତି। ୨ ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ସେହିପରି ୨୦୨୧ରେ ଫରେଷ୍ଟ ବିଭାଗ ୧୦ଟି ରେଡ୍ କରି ୧୦ ଫରେଷ୍ଟ କେସ କରି ସମୁଦାୟ ୩୦ ଲକ୍ଷ ୬୦ ହଜାର ୩୦୦ ଟଙ୍କା ମୂଲ୍ୟର କାଠ, ମେଶିନ ଆଦି ଜବତ କରିଛି। ୨୦୨୨ରେ ୩୨ଟି କ୍ରିମିନାଲ କେସ କରିଛି। ଏଥିରେ ୫ଟି ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲା, ୧୧ଟି ଟ୍ରାପ୍ ଓ ୧୬ ଅନ୍ୟ ଦୁର୍ନୀତି ମାମଲା ରୁଜୁ କରାଯାଇଛି। ଦୁର୍ନୀତିରେ ୨ ଜଣ କ୍ଲାସ୍ ୧, ୩ ଜଣ କ୍ଲାସ୍ ୨, ୨୨ ଜଣ କ୍ଲାସ୍ ୩ ଅଧିକାରୀ ଓ ୨୦ ଜଣ ଅନ୍ୟ କର୍ମଚାରୀ ଜଡ଼ିତ ଅଛନ୍ତି। ୨୦୨୨ରେ ବାଲେଶ୍ୱର ଭିଜିଲାନ୍ସ ଡିଭିଜନ ୨୭ ଖୋଲା ତଦନ୍ତ କରିଛନ୍ତି। ସେଥିରେ ୨ ଜଣ କ୍ଲାସ୍ ୧ , ୨ ଜଣ କ୍ଲାସ ୨, ୨୦ କ୍ଲାସ ୩ ଅଧିକାରୀ ଓ ୮ ଜଣ ଅନ୍ୟ କର୍ମଚାରୀ ଅନ୍ତର୍ଭୁକ୍ତ ଅଛନ୍ତି। ସମୁଦାୟ ୮ କେସ୍‌ରେ ଦଣ୍ଡବିଧାନ ହୋଇଥିବା ବେଳେ ୫ ଜଣ କର୍ମଚାରୀଙ୍କୁ ଚାକିରିରୁ ବାହାର କରାଯାଇଛି। ବନ ବିଭାଗ ପକ୍ଷରୁ ରେଡ୍ କରାଯାଇ ୨୮ କେସ୍ ରୁଜୁ କରାଯାଇ ୧ କୋଟି ୨୫ ଲକ୍ଷ ୨ ହଜାର ୯୫୦ ଟଙ୍କାର କାଠ, ମେଶିନ ଆଦି ଜବତ ହୋଇଛି। ବାଲେଶ୍ୱର ଡିଭିଜନ ଅଧୀନ କେନ୍ଦୁଝର ୟୁନିଟ୍ ଅଧୀନରେ ୨୦୨୧ ମସିହାରେ ସମୁଦାୟ ୧୩ ଦୁର୍ନୀତି ମାମଲା ରୁଜୁ କରାଯାଇଛି। ସେଥିମଧ୍ୟରୁ ୪ ଜଣ ବି କ୍ଲାସ୍, ୯ ଜଣ ସି କ୍ଲାସ୍ ଅଧିକାରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ସେହିପରି ୨୦୨୨ରେ ରୁଜୁ ହୋଇଥିବା ୯ ଟି ଦୁର୍ନୀତି ମାମଲାରୁ ଜଣେ କ୍ଲାସ୍ ୧, ୨ ଜଣ କ୍ଲାସ ୨ ଓ ୬ ଜଣ କ୍ଲାସ୍ ୩ ଅଧିକାରୀ ରହିଛନ୍ତି।

# ଆଇନସେବା ଶିବିର



ଶିବିରରେ ମଞ୍ଚାସୀନ ଅତିଥିଗଣ।

**ବାଲେଶ୍ୱର ଅଫିସ, ୭।୧୧**

ବାଲେଶ୍ୱର ସହର ଏଡ଼ିଏମ୍ ଛକ ସ୍ଥିତ ବ୍ରିଟ୍ କଲ୍ୟାଣମଣ୍ଡପ ପରିସରରେ ଜାତୀୟ ଆଇନସେବା ପ୍ରାଧିକରଣର ନିର୍ଦ୍ଦେଶକ୍ରମେ ଜିଲା ଆଇନସେବା ପ୍ରାଧିକରଣ ଏବଂ ଜିଲା ପ୍ରଶାସନର ମିଳିତ ସହଯୋଗରେ ଆଇନସେବା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଏବଂ ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଅଶାନ୍ତ କୁମାର ଦାସ ଉଦ୍‌ଘାଟନ କରିଥିଲେ।

ଶିବିରକୁ ଜିଲା ଆଇନସେବା ପ୍ରାଧିକରଣ ସଚିବ ପ୍ରିୟରଞ୍ଜନ ଓଝା ପରିଚାଳନା କରିଥିଲେ। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ କୁମାର ମିଶ୍ର, ବାଲେଶ୍ୱର ଜିଲା ଆଇନଜୀବୀ ସଂଘ ସଭାପତି ମନୋଜ କୁମାର ନାୟକ, ସମ୍ପାଦକ ସମ୍ବିତ୍ କୁମାର ନନ୍ଦୀ, ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ବାଲେଶ୍ୱର ଜିଲା ଜଜ୍ କୋର୍ଟର ଅନ୍ୟାନ୍ୟ ବିଚାର ବିଭାଗୀୟ ଅଧିକାରୀ, ଜିଲା ପ୍ରଶାସନର ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ ପ୍ରମୁଖ ଯୋଗଦାନ କରି ବକ୍ତବ୍ୟ ଦେଇଥିଲେ। ଶିବିରରେ ଜିଲା ଶିଶୁ ସୁରକ୍ଷା ୟୁନିଟ୍, ଜିଲା ମଙ୍ଗଳ ଅଧିକାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତ କରଣ ବିଭାଗ, ଉଦ୍ୟାନ ବିଭାଗ, କୃଷି ଏବଂ କୃଷକ ସଶକ୍ତକରଣ ବିଭାଗ, ମତ୍ସ୍ୟ ବିଭାଗ, ପ୍ରାଣୀ ପାଳନ ଏବଂ ପ୍ରାଣୀ ଚିକିତ୍ସା ବିଭାଗ, ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ବିଭାଗ, ପଞ୍ଚାୟତିରାଜ ଏବଂ ମିଶନ ଶକ୍ତି ବିଭାଗ, ଶ୍ରମ ଏବଂ କର୍ମଚାରୀ ରାଜ୍ୟବୀମା ବିଭାଗ ତରଫରୁ ଭିନ୍ନ ଭିନ୍ନ ଷ୍ଟଲ ଖୋଲାଯାଇ ଯୋଗ୍ୟ ହିତାଧିକାରୀମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନା ମାଧମରେ ସହାୟତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ମଧ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଶିବିରକୁ ଜିଲା ଆଇନସେବା ପ୍ରାଧିକରଣ ରିଟେନର ସତ୍ୟେନ୍ଦ୍ର ଉମାଶଙ୍କର ରାଉତ ପରିଚାଳନା କରିଥିଲେ। ଏଥିରେ ଜିଲା ଜଜ୍‌କୋର୍ଟ ବାଲେଶ୍ୱରର କର୍ମଚାରୀ, ପ୍ୟାନେଲ୍ ଲୟର୍ ଏବଂ ପାରା ଲିଗାଲ ସେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ।

# ମା’ଙ୍କୁ ଡାହାଣୀ କହି ପୁଅଙ୍କୁ ଆକ୍ରମଣ

**ସାରସକଣା,୭।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖାରପୋଖରିଆ ଥାନା ଅଧୀନ ସାନଚାଟରା ଗ୍ରାମରେ ମା’ଙ୍କୁ ଡାହାଣୀ ସନ୍ଦେହ କରି ପୁଅଙ୍କୁ ଭୁଜାଲି ମାଡ଼ କରାଯିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଆହତ ଯୁବକ ଜଣକ ହେଲେ ଶ୍ରବଣ ମହାନ୍ତ। ତାଙ୍କ ଭାଇ ସମୀର ମହାନ୍ତ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ସେହିଗ୍ରାମର ଅଭିଯୁକ୍ତ ବ୍ରଜଗୋପାଳ ମହାନ୍ତିଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୨୫୨/୨୨) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ସୋମବାର ମଧ୍ୟାହ୍ନରେ ଅଭିଯୁକ୍ତ ବ୍ରଜଗୋପାଳ ହଠାତ୍ ଶ୍ରବଣଙ୍କ ଘର ଭିତରକୁ ପଶିଯାଇ ତାଙ୍କ ମା’ ସୁଷମାଙ୍କୁ ଡାହାଣୀ କହି ମାରପିଟ କରିଥିଲେ। ଶ୍ରବଣ ଏହାର ପ୍ରତିବାଦ କରିବାରୁ ବ୍ରଜଗୋପାଳ ତାଙ୍କୁ ଏକ ଭୁଜାଲିରେ ଆକ୍ରମଣ କରି ସେଠାରୁ ପଳାଇଥିଲେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ଶ୍ରବଣଙ୍କୁ ଉଦ୍ଧାର କରି ପ୍ରଥମେ ଶୀର୍ଷା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବାରିପଦାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି।

# ରାସ୍ତା ପାର୍ଶ୍ୱରୁ କ୍ଷତାକ୍ତ ମୃତଦେହ ଜବତ

**ରାଇରଙ୍ଗପୁର,୭।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ନିୟତି-ଅଁଳାଯୁଡ଼ି ରାସ୍ତା ପାର୍ଶ୍ୱରୁ ସୋମବାର ପୋଲିସ ଜଣେ ବ୍ୟକ୍ତିଙ୍କ କ୍ଷତାକ୍ତ ମୃତଦେହ ଜବତ କରିଛି। ମୃତକ ହେଲେ ବହଳଦା ଥାନା ଦଲସରା ଗ୍ରାମର ବାଜେନ ମୁର୍ମୁ(୪୫)। ମୃତଦେହ ନିକଟରେ ପଡ଼ିଥିବା ବାଜେନଙ୍କ ବାଇକ୍‌କୁ ମଧ ପୋଲିସ ଜବତ କରିଛି। ରବିବାର ବାଜେନ ବାଇକ୍ ଯୋଗେ ରାଇରଙ୍ଗପୁରରୁ ନିଜ ଗାଁକୁ ଫେରୁଥିବା ବେଳେ ରାସ୍ତା ପାର୍ଶ୍ୱରେ ମୃତ ଅବସ୍ଥାରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଭାରସାମ୍ୟ ହରାଇ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି। ଏନେଇ ଥାନାରେ ଏକ ମାମଲା(ନଂ. ୧୩୩/୨୨) ରୁଜୁ ହୋଇଛି।

# ସାରକୋଣାରେ ରକ୍ତଦାନ ଶିବିର

**ଖଇରା, ୭।୧୧(ଡି.ଏନ.ଏ.)**

ଓଡିଶା ମୋ ପରିବାର ଆନୁକୂଲ୍ୟରେ ବିଜେଡିର ୨୫ବର୍ଷ ପୂର୍ତ୍ତୀ ଅବସରରେ ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରକୋଣା ୟୁପି ସ୍କୁଲ ପରିସରରେ ରବିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୮୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି । ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଏହାକୁ ଉଦ୍‌ଘାଟନ କରିବା ସହ ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଜୀବନ ବିନ୍ଦୁ ସଂଯୋଜକ ପ୍ରହ୍ଲାଦ ପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସରପଞ୍ଚ ସୁଶାନ୍ତ କୁମାର ନାୟକ, ସମିତିସଭ୍ୟା ଗଜେନ୍ଦ୍ର ପରିଡା, ଯୁବନେତା ମୁକେଶ ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନୀଲ କୁମାର ଦାସ, ପ୍ରଧାନଶିକ୍ଷକ ବସନ୍ତ କୁମାର ଦାସ ଓ ସିଆରସିସି ଲକ୍ଷ୍ମଣ କୁମାର ସେନ ପ୍ରମୁଖ ସହଯୋଗ କରିଥିଲେ।



ବିଧାୟକ ରକ୍ତଦାତାଙ୍କୁ ମାନପତ୍ର ପ୍ରଦାନ କରୁଛନ୍ତି।

# ଗାଁ ସାଥୀ ସଂଘର ବ୍ଲକ୍‌ସ୍ତରୀୟ ସମ୍ମିଳନୀ

**କେନ୍ଦୁଝର,୭।୧୧(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକ୍ ଠାକୁରପଡ଼ା କଲ୍ୟାଣୀ ମଣ୍ଡପଠାରେ ହରିଚନ୍ଦନପୁର ଗାଁ ସାଥୀ (ମେଟ୍) ସଂଘ ପକ୍ଷରୁ ଦୁଇ ଦିନିଆ ବ୍ଲକ୍‌ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିବସ କାର୍ଯ୍ୟକ୍ରମକୁ ସଂଘର ଆବାହକ ମନୋଜ ପଟେଲ ସଭାପତିତ୍ୱ କରିଥିଲେ। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କେଉଁ ସମସ୍ତ କାର୍ଯ୍ୟ ହୋଇଥିଲା କିମ୍ବା ହୋଇପାରିବ ସେ ବାବଦରେ ଗ୍ରୁପ ମାଧମରେ ଆଲୋଚନା କରାଯାଇ ଚିତ୍ର ମାଧମରେ ଉପସ୍ଥାପନ କରିଥିଲେ। ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ବିଜୁ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧନର୍ଜୟ ସିଦ୍ଧୁ, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ରାଜ କିଶୋର ବାରିକ, ହରିଚନ୍ଦନପୁର ବନପାଳ ଡମ୍ବରୁଧର ମହାନ୍ତ, ଉଦ୍ୟାନ ସମ୍ପ୍ରସାରଣ ଅଧିକାରୀ ନିର୍ଣ୍ଣୟା ପାତ୍ର, ମୃତ୍ତିକା ସଂରକ୍ଷଣ ବିଭାଗ ପ୍ରୋଗ୍ରାମ ସହାୟକ ନିରଞ୍ଜନ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗାଁ ସାଥୀମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ମିତ୍ରଭାନୁ ନାଏକ, ଲକ୍ଷ୍ମଣ ନାଏକ, ଗୌରହରୀ କିସାନ, ଦିଲ୍ଲୀପ ନାଏକ, ତାରାମଣି ମହାନ୍ତ, ଲତାମଣି ମହାନ୍ତ, ରମେଶ ମାଝି ପ୍ରମୁଖ ସହଯୋଗ କରିଥିଲେ।

# ନାବାଳିକାଙ୍କ ସନ୍ଦେହଜନକ ମୃତ୍ୟୁ

**ରାଇରଙ୍ଗପୁର,୭।୧୧(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ତିରିଂ ଥାନା ଝରାଡିହି ଫାଣ୍ଡି ଅଧୀନ ଗିଧଘାଟି ଗାଁରେ ଜଣେ ନାବାଳିକାଙ୍କ ସୋମବାର ସନ୍ଦେହଜନକ ମୃତ୍ୟୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୬/୨୨) ରୁଜୁ ହୋଇଛି। ଦଶମ ଶ୍ରେଣୀରେ ପଢୁଥିବା ଉକ୍ତ ଛାତ୍ରୀଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି।

# ଆଇନ ସଚେତନତା ଶିବିର

**ବାରିପଦା ଅଫିସ,୭।୧୧**

ମୟୂରଭଞ୍ଜ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଶହୀଦ ସ୍ମୃତି ଭବନ ପରିସରରେ ରବିବାର ଏକ ମେଗା ଆଇନ ସଚେତନତା ସେବା ଶିବିର ଆୟୋଜିତ ହୋଇଯାଇଛି। ଜିଲା ଆଇନ ସେବା ପ୍ରାଧିକରଣର ସଚିବ ମିସ ଶିବାନୀଙ୍କ ପୌରାହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା କୋର୍ଟର ବିଚାରପତି ତଥା ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅରବିନ୍ଦ ପଟ୍ଟନାୟକ, ଅନ୍ୟତମ ଅତିଥି ଭାବେ ଜିଲାପାଳ ବିନୀତ ଭରଦ୍ୱାଜ, ଅତିରିକ୍ତ ଏସ୍‌ପି ଉମାକାନ୍ତ ମହାରଣା, ଜିଲା ମୁଖ୍ୟ ଚିକିତ୍ସାକାରୀ ଡା.ରୂପଭାନୁ ମିଶ୍ର, ଓକିଲ ସଂଘର ସଭାପତି ପ୍ରଦୀପ କୁମାର ରଥ, ସାଧାରଣ ସମ୍ପାଦକ ବିପ୍ଳବ କୁମାର ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୨୫ଟି ଷ୍ଟଲ ଖୋଲାଯାଇ ସରକାରଙ୍କ ନ୍ୟାୟିକ ବ୍ୟବସ୍ଥାର ବିଭିନ୍ନ ଯୋଜନାରେ ସାମିଲ ଥିବା ଉପଭୋକ୍ତା ତଥା ହିତାଧିକାରୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ସମେତ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି। କୋର୍ଟ ରେଜିଷ୍ଟ୍ରାର ଆଶିଷ କୁମାର ପରିଛା, ଆଇନ ସ୍ୱେଚ୍ଛାସେବୀ ରବୀନ୍ଦ୍ର କୁମାର ମହାନ୍ତି, ଆଇନଜୀବୀ, ଜିଲା ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଥିଲେ ।



ମେଗା ଆଇନ ସେବା ଶିବିରରେ ଉପସ୍ଥିତ ଅତିଥି।

# ଜାତୀୟ ରାଜପଥ ସମ୍ପ୍ରସାରଣ ଆଳରେ ମିଶନ ଶକ୍ତି ଗୃହ ନିର୍ମାଣ ବନ୍ଦ

**ବାହାନଗା, ୭।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ପରିସରରେ ନିର୍ମାଣ ହେବାକୁ ଥିବା ମିଶନ ଶକ୍ତି ଗୃହ ୧ବର୍ଷରୁ ଉର୍ଦ୍ଧ୍ୱ ସମୟ ହେଲା କାମ ନ ହୋଇ ପଡିରହିଛି। ଜାତୀୟ ରାଜପଥ ସମ୍ପ୍ରସାରଣକୁ ଆଳ କରି ସେହି ସ୍ଥାନରୁ ଅନ୍ୟତ୍ର କରିବା ଉଦ୍ଦେଶ୍ୟରେ ନିର୍ମାଣ କାର୍ଯ୍ୟ ବନ୍ଦ ରଖାଯାଇଛି।

ବ୍ଲକ ପରିସରରେ ୫୦ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ମିଶନଶକ୍ତି ଗୃହ ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୧ବର୍ଷ ତଳେ ଟେଣ୍ଡର କରାଯାଇଥିଲା । ଟେଣ୍ଡର ଅନୁଯାୟୀ ଠିକାଦାର ନୂତନ ଗୃହ ନିର୍ମାଣ ପାଇଁ ସ୍ଥାନ ନିରୂପଣ କରି ବୋରିଂ କାର୍ଯ୍ୟ କରିସାରିଥିଲେ। ତେବେ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ବ୍ଲକ ସାମ୍ନାରେ ଏଭଳି ଏକ ବଡ ଘର ନିର୍ମାଣକୁ ବିରୋଧ କରିଥିଲେ। ସେହି ସମୟରେ ୧୬ନମ୍ବର ଜାତୀୟ ରାଜପଥ


ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ଆସିଥିବା ସାମଗ୍ରୀ ପଡ଼ିରହିଛି।।

ସମ୍ପ୍ରସାରଣ ହେଉଥିବାରୁ ତାହାକୁ ଆଳ କରି ବିଡିଓଙ୍କୁ ଚାପ ପକାଇ ତାହାକୁ ବନ୍ଦ ରଖାଯାଇଛି। ପରେ ବିଡିଓ ତା ୨୩।୯।୨୦୨୨ ରିଖରେ ଚିଠି ନମ୍ବର ୩୪୬୧/ଇଏସଟିଟି ଅନୁଯାୟୀ ପୂର୍ତ୍ତ ବିଭାଗର ଅଧୀକ୍ଷକ ଇଞ୍ଜିନିୟର ଡିଭିଜନ-୧ ବାଲେଶ୍ୱରଙ୍କୁ ମିଶନ ଶକ୍ତିର ଗୃହ ନିର୍ମାଣ ସ୍ଥାନକୁ ବଦଳାଇବା ବାବଦରେ ଚିଠି କରିଥିଲେ । ସେହି ଚିଠିରେ ବିଡିଓ ଉଲ୍ଲେଖ କରିଥିଲେ ଯେ, ୧୬ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ହେଉଥିବାରୁ ଯେଉଁ ସ୍ଥାନରେ ଘର ନିର୍ମାଣ ହେଉଛି ତାହା ବାଧା ସୃଷ୍ଟି ହେବ ତେଣୁ ବ୍ଲକର ଅନ୍ୟ ସ୍ଥାନରେ ଏହି ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ସ୍ଥାନ ଯୋଗାଇ ଦେବୁ । ମାତ୍ର ଏଠି କଥା ଉଠୁଛି ୧୬ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ହେଲେ ବ୍ଲକ ପରିସର ଭିତରକୁ ମାଡି ଆସିବ ବୋଲି ଜାତୀୟ ରାଜପଥ କର୍ତ୍ତୃପକ୍ଷ ବିଡିଓଙ୍କୁ ଚିଠି କରିଛନ୍ତି, ନା ବିଡିଓ ବ୍ଲକ ସାମ୍ନାରେ ଅନ୍ୟ କିଛି ଗୃହ ନିର୍ମାଣ ପାଇଁ ଯୋଜନା କରି ଅନ୍ୟତ୍ର ନିର୍ମାଣ ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି । ରାଜପଥ ସମ୍ପ୍ରସାରଣ ବେଳେ ବ୍ଲକ ପରିସର ଭିତରକୁ ଯାଉଥିବ ତେବେ ତାହା ୨ବର୍ଷ ଆଗରୁ ସର୍ଭେ କରାଯାଇ ବିଡିଓଙ୍କୁ ନିଶ୍ଚିତ ଅବଗତ କରାଯାଇଥିବ। ମାତ୍ର ସର୍ଭେ ହେବାର ୨ ବର୍ଷ ବିତିଗଲାଣି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଦ୍ରୁତଗତିରେ ଚାଲିଛି। ହେଲେ ବ୍ଲକ ପରିସର ଭିତରକୁ ରାସ୍ତା ଯିବାର କୌଣସି ସୂଚନା ନ ଥିବା ଜଣାପଡିଛି। ତେବେ ବର୍ଷେରୁ ଉର୍ଦ୍ଧ୍ୱ କାଳ ବିତିଯାଇଥିଲେ ସୁଦ୍ଧା ଅନ୍ୟ ସ୍ଥାନରେ ଏପର୍ଯ୍ୟନ୍ତ ମିଶନ ଶକ୍ତି ଗୃହ ନିର୍ମାଣ ଆରମ୍ଭ ହୋଇନାହିଁ। ତେବେ ଠିକାଦାର ଲକ୍ଷାଧିକ ଟଙ୍କା ବ୍ୟୟ କରି ବୋରିଂ ଆଦି କାର୍ଯ୍ୟ କରିଥିଲେ ମଧ ଅନ୍ୟତ୍ର ସେହି କାର୍ଯ୍ୟକୁ ବନ୍ଦ କରାଯାଇଛି। ତେବେ ବ୍ଲକ ବାହାରେ ରଖିଥିବା ସିମେଣ୍ଟ ଦୀର୍ଘଦିନ ଧରି କାମ ନ ହେବାରୁ ତାହା ମୁଣ୍ଡା ହୋଇଗଲାଣି। ତୁରନ୍ତ ଅନ୍ୟ ସ୍ଥାନରେ ନୂତନ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ଦାବି ହେଉଛି। ଏ ବିଷୟରେ ବିଡିଓ ଗୌରାଙ୍ଗ ଘୋଷଙ୍କୁ ପଚାରିବାରୁ ସେ କହନ୍ତି କାମ କଣପାଇଁ ବନ୍ଦ ରହିଛି ସେ ଜାଣିନାହାନ୍ତି। ତେବେ ଜାତୀୟ ରାଜପଥ ସମ୍ପ୍ରସାରଣ ହେଉଥିବାରୁ ସେଥିପାଇଁ କାର୍ଯ୍ୟ ବନ୍ଦ ରହିଥାଇପାରେ ବୋଲି ପ୍ରକାଶ କରିଥିଲେ। ପୂର୍ତ୍ତ ବିଭାଗର କନିଷ୍ଠଯନ୍ତ୍ରୀ ସନାତନ ନାୟକ କହନ୍ତି ୧୬ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ହେଉଥିବାରୁ ବ୍ଲକ ଭିତରକୁ ରାସ୍ତା ମାଡିଯିବ ବୋଲି ବିଡିଓ ଆମକୁ ଚିଠି କରିଥିବାରୁ ଆମେ କାମ ସେଠାରେ ବନ୍ଦ କରିଛୁ । ବ୍ଲକ ତରଫରୁ ଅନ୍ୟ ସ୍ଥାନରେ ସ୍ଥାନ ଚିହ୍ନଟ କରିଲେ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।

## ବଦଳିଲେ ଅତିରିକ୍ତ ଜିଲାପାଳ

**ବାରିପଦା ଅଫିସ:** ମୟୂରଭଞ୍ଜ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସୁଚାରୁ କୁମାର ବଳଙ୍କ ବଦଳି ହୋଇଛି। ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ ଅତିରିକ୍ତ ଜିଲାପାଳ ବଳଙ୍କୁ ବାଲେଶ୍ୱର ଜିଲାକୁ ଅତିରିକ୍ତ ଜିଲାପାଳ ଭାବେ ବଦଳି ହୋଇଛି। ସେ ଗତ ମେ ୬ରେ ମୟୂରଭଞ୍ଜ ଅତିରିକ୍ତ ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ।

## ସଂକ୍ଷେପରେ

### ଶ୍ୱଶୁର ଘରେ ମହିଳାଙ୍କୁ ନିର୍ଯାତନା ଅଭିଯୋଗ

**ସୋର, ୭।୧୧:** ବାଲେଶ୍ୱର ଜିଲା ସୋର ଥାନା ମୁଲିସିଂ ଗ୍ରାମର ଜଣେ ମହିଳାଙ୍କୁ ତାଙ୍କ ଶ୍ୱଶୁର ଘର ଲୋକେ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ସେ ନିଜର ୨ବର୍ଷର ଝିଅକୁ ଧରି ଥାନାର ଦ୍ୱାରସ୍ଥ ହୋଇଛନ୍ତି।୨୦୧୯ ମାର୍ଚ୍ଚ ୫ତାରିଖରେ ମୁଲିସିଂ ଗ୍ରାମର ଚିରଞ୍ଜିତ ଖିଲାରଙ୍କ ସହ ସିମୁଳିଆ ଥାନା ଅମରିଆ ଅଗ୍ନିପୁର ଗ୍ରାମର ପୁଷ୍ପାଞ୍ଜଳି ବେହେରାଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। ଚିରଞ୍ଜିତ ସୁରଟରେ ଏକ କମ୍ପାନୀରେ କାମ କରୁଥିଲେ। ବିବାହର କିଛିଦିନ ପରେ ସ୍ତ୍ରୀ ପୁଷ୍ପାଞ୍ଜଳି ତାଙ୍କ ସହିତ ସୁରାଟ ଯାଇଥିଲେ ଏବଂ ସେଠାରେ ଚିରଞ୍ଜିତ ଅନୈତିକ କାର୍ଯ୍ୟକଳାପରେ ଲିପ୍ତ ଥିବା ଜାଣିବାକୁ ପାଇ ସେ ବିରୋଧ କରିଥିଲେ। ପରେ ପଡ଼ୋଶୀମାନଙ୍କ ସହାୟତରେ ସେଠାରୁ ଫେରିବା ପରେ ଗାଁରେ ମଧ୍ୟସ୍ଥମାନଙ୍କ ଉପସ୍ଥିତରେ ପରସ୍ପର ବୁଝାମଣା ପରେ ପୁଷ୍ପାଞ୍ଜଳି ଶ୍ୱଶୁର ଘରେ ରହିଥିଲେ। ପରବର୍ତ୍ତୀ ସମୟରେ ଚିରଞ୍ଜିତଙ୍କ ସ୍ୱଭାବରେ କୌଣସି ପରିବର୍ତ୍ତନ ନ ଆସିବାରୁ ସେ ତାଙ୍କୁ ବିରୋଧ କରିଥିଲେ। ସ୍ୱାମୀ, ଶ୍ୱଶୁର, ଶାଶୁ ଓ ନଣନ୍ଦ ତାଙ୍କୁ ମାଡ଼ ମାରି ଘରୁ ବାହାର କରିଦେଇଥିବା ବେଳେ ପୁଷ୍ପାଞ୍ଜଳି ଥାନାରେ ଏକ ଲିଖିତ ଅଭିଯୋଗ ଦେଇଛନ୍ତି। ସୋର ପୋଲିସ ଅଭିଯୋଗର ତଦନ୍ତ କରି ସୋମବାର ସକାଳେ ଚିରଞ୍ଜିତକୁ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରୁଛି।

### କୃଷି କାର୍ଯ୍ୟାଳୟ ପରିସରରୁ ନାଗ ଉଦ୍ଧାର



**ଭଣ୍ଡାରିପୋଖରୀ, ୭।୧୧(ସ୍ୱ.ପ୍ର.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ କୃଷି ବିଭାଗ କାର୍ଯ୍ୟାଳୟ ପରିସରରୁ ସୋମବାର ପୂର୍ବାହ୍ନରେ ସାଢ଼େ ୪ ଫୁଟର ଏକ ନାଗ ସାପ ଉଦ୍ଧାର କରାଯାଇଛି। ପୂର୍ବାହ୍ନ ୧୦ଟା ବେଳେ କର୍ମଚାରୀମାନେ କାର୍ଯ୍ୟାଳୟ ପରିସରକୁ ପ୍ରବେଶ କରି କୃଷି ସୂଚନା କେନ୍ଦ୍ରର ସେଲଟର ରୁମ୍ ଖୋଲିବା ମାତ୍ରେ ସେଠାରେ ଏକ ନାଗ ଦେଖିବାକୁ ପାଇଥିଲେ। କର୍ମଚାରୀମାନଙ୍କଠାରୁ ଜାଣିବା ପରେ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ ସାପଧରାଳିଙ୍କୁ ଖବର ଦେଇଥିଲେ। ଭଦ୍ରକରୁ ସାପଧରାଳି ସେକ୍ ମିର୍ଜା ପହଞ୍ଚି କୃଷି କାର୍ଯ୍ୟାଳୟରୁ ନାଗଟିକୁ ଉଦ୍ଧାର କରିଥିଲେ।

### କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କଲେ ଏନ୍ଏସି ଚେୟାରମ୍ୟାନ



**ଚମ୍ପୁଆ,୭।୧୧(ଡି.ଏନ୍.ଏ):** ରାଜ୍ୟସ୍ତରୀୟ ସୁରଭୀ ପ୍ରତିଯୋଗିତାରେ ଭାଗ ନେବାକୁ ଚମ୍ପୁଆ ଏନ୍ଏସି ଅନ୍ତର୍ଗତ ଗୋଧୂଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ ଛାତ୍ରୀଛାତ୍ର ମନୋନିତ ହୋଇଛନ୍ତି। ଏ ନେଇ ଦୁଇ କୃତୀ ଛାତ୍ରୀଛାତ୍ରଙ୍କୁ ଚମ୍ପୁଆ ଏନ୍ଏସି ଅଧକ୍ଷ ଗିରିଜାଶଙ୍କର ସାହୁ ସମ୍ବର୍ଦ୍ଧିତ କରିଛନ୍ତି। ଏଥି ସହିତ ୫ ହଜାର ଲେଖାଏଁ ପ୍ରଦାନ କରିଛନ୍ତି। ଜିଲାସ୍ତରୀୟ ସୁରଭୀ କାର୍ଯ୍ୟକ୍ରମରେ ଗୋଧୂଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ବିଭୂତି ନାଏକଙ୍କ ପୁତ୍ର ଅଭିନାଶ ନାଏକ ମଧାହ୍ନ ଭୋଜନ କ୍ରାଫ୍ଟ କରି ପ୍ରଥମ ହୋଇଥିଲେ। ଉକ୍ତ ବିଦ୍ୟାଳୟର ସପ୍ତମ ଶ୍ରେଣୀରେ ପଢୁଥିବା ଧାନ ନାଏକଙ୍କ ଝିଅ ଧରିତ୍ରୀ ନାଏକ 'ଆମେ ଗୋଟିଏ ସୂତ୍ରରେ ବନ୍ଧା' ବିତର୍କରେ ଅଭିଭାଷଣ ଦେଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଫଳରେ ଉଭୟ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ସୁରଭୀ କାର୍ଯ୍ୟକ୍ରମକୁ ମନୋନୀତ ହୋଇଛନ୍ତି। ଏ ନେଇ ଏନ୍ଏସି କାର୍ଯ୍ୟାଳୟଠାରେ କାଉନ୍ସିଲର ଛତ୍ରପତି ନାଏକ, ଶିକ୍ଷକ ରଞ୍ଜିତ୍ ପ୍ରଧାନ ଓ ଅବିନାସ ପ୍ରଧାନଙ୍କ ଉପସ୍ଥିତିରେ ଚେୟାରମ୍ୟାନ୍ ସାହୁ ଉଭୟଙ୍କର ଏହି ସଫଳତା ପାଇଁ ପୁଷ୍ପଗୁଚ୍ଛ ସହ ଅର୍ଥ ରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଉଭୟଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିବା ସହ ଆଗାମୀ ଦିନରେ ଉଭୟଙ୍କ ଶିକ୍ଷା ପାଇଁ ସହାୟତା ପ୍ରଦାନ କରିବେ ବୋଲି ସୂଚନା ଦେଇଛନ୍ତି।

# କାଠକୁ ଦେଉଛନ୍ତି ଜୀବନ୍ତ ରୂପ

## ବହୁମୁଖୀ ପ୍ରତିଭାର ଅଧିକାରୀ ରମେଶ ସାର୍

- ଆଦୃତି ଲାଭ କରିଛି କାଠର ଘରକରଣା, ପ୍ରତିମୂର୍ତ୍ତି
- କଣ୍ଢେଇ ନୃତ୍ୟ ଦେଇଛି ସ୍ୱତନ୍ତ୍ର ପରିଚୟ

**ପାଟଣା, ୭।୧୧(ସ୍ୱ.ପ୍ର.)**

ତାଙ୍କ ନିହାଣ ମୁନରେ କାଠ କଥା କହେ, ହାତର ସ୍ପର୍ଶରେ ହୋଇଉଠେ ଅନନ୍ୟ। ଘରକରଣାଠାରୁ ଆରମ୍ଭ କରି ପ୍ରତିମୂର୍ତ୍ତିକୁ ଦିଅନ୍ତି ଜୀବନ୍ତ ରୂପ। ବିନା ପ୍ରଶିକ୍ଷଣରେ ନିଖୁଣ କଳାକୃତି ନିର୍ମାଣ କରିବା ସହ କଣ୍ଢେଇ ନୃତ୍ୟଶିଳ୍ପୀ ଭାବେ ସ୍ୱତନ୍ତ୍ର ପରିଚୟ ଲାଭ କରିଥିବା ବ୍ୟକ୍ତିତ୍ୱ ହେଲେ ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ମହାନ୍ତ (୬୯)। ସେ ଏକାଧାରରେ ଜଣେ କାଠ କଣ୍ଢେଇ ମୂର୍ତ୍ତି କାରିଗର ଓ କଣ୍ଢେଇ ନୃତ୍ୟଶିଳ୍ପୀ। ସେ ଅଦରକାରୀ କାଠ, ବାଉଁଶ ଓ ପ୍ଲାଷ୍ଟିକ୍‌ରୁ ମନୋରମ ଘରକରଣା ସାମଗ୍ରୀ ଓ ବିଭିନ୍ନ ପ୍ରକାର ଖେଳନା ତିଆରି କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି।

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବୁଢ଼ୀକାପୁଡ଼ି ପଞ୍ଚାୟତ ନେଉଳପଶି ଗାଁର ରମେଶ ସାର୍ ଶିକ୍ଷକ ଭାବେ ଅନେକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିଛନ୍ତି। ଉକ୍ତ ବ୍ଲକ ତେନ୍ତୁଳି ବିଦ୍ୟାଳୟରୁ ଅବସର ଗ୍ରହଣ ପରେ କଳା ପ୍ରତି ମନୋନିବେଶ କରିଛନ୍ତି। ନିଜେ ନିହାଣ ମୁନରେ କାଠ କଣ୍ଢେଇ ନିର୍ମାଣ କରନ୍ତି। ତାକୁ ବିଭିନ୍ନ ରଙ୍ଗ ପୋଷାକରେ ସଜେଇ ବିଭିନ୍ନ ପୌରାଣିକ କଥାବସ୍ତୁକୁ ନେଇ କଣ୍ଢେଇ ନୃତ୍ୟ କରି



ଶିକ୍ଷାବିତ୍ ରମେଶ ମହାନ୍ତ କାଠରେ ତିଆରି କରୁଛନ୍ତି ଘରକରଣା ସାମଗ୍ରୀ।

ଲୋକଙ୍କ ମନୋରଞ୍ଜନ କରୁଛନ୍ତି। ତାଙ୍କର ଲୋକପ୍ରିୟ କଣ୍ଢେଇ ନାଟକ ମଧ୍ୟରେ ବୀର ଶିଶୁ ଅଭିମନ୍ୟୁ, ମହିଷାମର୍ଦ୍ଦିନୀ ନାଟକ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। ସେ କାଠ, ମାଟି ଓ ସିମେଣ୍ଟ ଯୋଗେ ସମ୍ମୁଖରେ ଥିବା ବ୍ୟକ୍ତି ଓ ଚିତ୍ର ଦେଖି ଅବିକଳ ପ୍ରତିମୂର୍ତ୍ତି ଗଢ଼ି ପାରୁଛନ୍ତି। ୨୦୨୦ରେ କେନ୍ଦୁଝର ଗୋନାସିକା ମହୋତ୍ସବରେ ତାଙ୍କ ନିର୍ମିତ ବିଭିନ୍ନ ଖେଳନା ଓ ଘର ତିଆରି ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଏଥିରୁ ସେ ବେଶ୍ ପ୍ରଶଂସା ସାଉଁଟିଥିଲେ। ଶିକ୍ଷକତାରୁ ଅବସର ପରେ ଗତ ୧୦ ବର୍ଷ ରମେଶଙ୍କ ଜୀବନରେ କଳା ପ୍ରତି ଥିବା ଅଦମ୍ୟ ଅନୁରାଗ ଓ ନିଷ୍ଠା ତାଙ୍କୁ ସଫଳତା ଆଣିଦେଇଛି। ନିଜର ପ୍ରତିଭା ପାଇଁ ଜିଲା ଓ ଜିଲା ବାହାରେ ସ୍ୱତନ୍ତ୍ର ପରିଚୟ ପାଇବା ସହ ଆଖପାଖ ଅଞ୍ଚଳରେ ଆଦୃତି ଲାଭ କରିଛନ୍ତି। ବହୁମୁଖୀ ପ୍ରତିଭାର ଅଧିକାରୀ ରମେଶ ସାର୍ ଏଥିପାଇଁ ବିଧିବଦ୍ଧ ଭାବେ କାହାଠାରୁ ପ୍ରଶିକ୍ଷଣ ଗ୍ରହଣ କରିନାହାନ୍ତି କି କାହାଠାରୁ ତାଲିମ ନେଇନାହାନ୍ତି। ଏସବୁ କାର୍ଯ୍ୟ ପାଇଁ ତାଙ୍କୁ ସରକାରୀସ୍ତର, ବେସରକାରୀସ୍ତରରେ କୌଣସି ପ୍ରୋତ୍ସାହନ ମଧ୍ୟ ମିଳିନାହିଁ। ରମେଶ ସାର୍ କୁହନ୍ତି, ପ୍ରଚାର ପ୍ରସାର ଓ ସମ୍ମାନ ପଛରେ ମୁଁ ଦୌଡ଼େ ନାହିଁ। କଳା ପ୍ରତି ପିଲାବେଳୁ ଅନୁରାଗ ଥିଲା। ଶିକ୍ଷକତା ଜୀବନର ବ୍ୟସ୍ତତା ମଧ୍ୟରେ ସମୟ ମିଳୁ ନ ଥିଲା। ଏସବୁ କରିବା ଦ୍ୱାରା ମୋତେ ଏକ ମାନସିକ ଶାନ୍ତି ମିଳିଥାଏ। ଏଥିପାଇଁ ତାଙ୍କ ସ୍ତ୍ରୀ କସ୍ତୁରୀ ନିରବଚ୍ଛିନ୍ନ ଭାବେ ସହଯୋଗ ସହ ପ୍ରେରଣା ଯୋଗାଇଛନ୍ତି ବୋଲି ସେ କହିଛନ୍ତି। କଣ୍ଢେଇ ନୃତ୍ୟକୁ ସରକାର ସ୍ୱୀକୃତି ଦେବା ସହ ରମେଶଙ୍କୁ ପ୍ରୋତ୍ସାହନ ଯୋଗାଇବା ଦରକାର ବୋଲି ବୁଢ଼ୀକାପୁଡ଼ିର ପୂର୍ବତନ ସରପଞ୍ଚ ଯଦୁମଣି ନାଏକଙ୍କ ସହ ବୁଦ୍ଧିଜୀବୀମାନେ କହିଛନ୍ତି।

# ଏସ୍‌ୟୁସିଆଇ ପକ୍ଷରୁ ବିକ୍ଷୋଭ

**ବାଲେଶ୍ୱର ଅଫିସ, ୭।୧୧**

ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ରାଜ୍ୟ କମିଟି ଆହ୍ୱାନରେ ବାଲେଶ୍ୱର ଜିଲା ସାଙ୍ଗଠନିକ କମିଟି ପକ୍ଷରୁ ଦାବି ସପ୍ତାହ ପାଳନ ଅବସରରେ ସୋମବାର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗଣବିକ୍ଷୋଭ କରାଯାଇଥିଲା। ଏକ ଶୋଭାଯାତ୍ରା ଫାଣ୍ଡି ଛକରୁ ବାହାରି ଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚିବା ପରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା।

ଏହାପରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଜିଲା କମିଟି ବରିଷ୍ଠ ସଦସ୍ୟ କମ୍ରେଡ ରବୀନ୍ଦ୍ରନାଥ ବେହେରା ସଭାପତିତ୍ୱ କରି ଜିଲାର ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ଦୀର୍ଘ ସ୍ଥାୟୀ ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ। ଜିଲା ସମ୍ପାଦକ କମ୍ରେଡ ନିରାକାର ପାଣ୍ଡବ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଜନମାରଣ ନୀତିକୁ ସମାଲୋଚନା କରିଥିଲେ। ଜିଲା କମିଟି ସଦସ୍ୟ ଉମାକାନ୍ତ ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ୧୨ ଦଫା ଦାବିପତ୍ର ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କୁ ପ୍ରଦାନ କରିଥିଲେ। ବରିଷ୍ଠ ଜିଲା କମିଟି ପ୍ରଶାନ୍ତ ଦାସ, ହରେକୃଷ୍ଣ ଦାସ, ଆଞ୍ଚଳିକ କମିଟି ସଦସ୍ୟ ତରୁଲତା ବେହେରା, ସୁଦର୍ଶନ ଦାସ, ନନ୍ଦ ରାୟଚୌଧୁରୀ, ଭୋଗରାଇ ଆଞ୍ଚଳିକ କମିଟି ସଦସ୍ୟା ସସ୍ମିତା ମହାନ୍ତି ଓ ଉତ୍ତମ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

**ବିଶୋଇ,୭।୧୧(ଡି.ଏନ.ଏ.)**

ବିଭିନ୍ନ ଦାବି ନେଇ ବିଶୋଇ ବ୍ଲକ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ସୋମବାର ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଏହି ଅବସରରେ ୧୧ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ବିଡିଓଙ୍କୁ ପ୍ରଦାନ କରାଯାଇଛି। ଏସ୍‌ୟୁସିଆଇ କମିଟିର ସମ୍ପାଦକ କମ୍ରେଡ ଶୈଳ କୁମାର ନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବିଶୋଇ ବାଜପେୟୀ ଛକରୁ ଏକ ରାଲିରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ କମିଟିର ସଦସ୍ୟ ରାଜେନ୍ଦ୍ର ବର୍ମା ଯୋଗଦେଇ ସରକାରଙ୍କ ଜନମାରଣ ନୀତିକୁ ସମାଲୋଚନା କରିଥିଲେ। ସେହିପରି ଗରିବ ଖଟିଖିଆଙ୍କ ଉପରେ ସରକାରଙ୍କ ଜୁଲୁମ ଆଉ ସହ୍ୟ ହେବନାହିଁ ବୋଲି ଜିଲା କମିଟି ସଦସ୍ୟ ମଧୁସୂଦନ ନାଏକ କହିଥିଲେ। ଏହି ବିକ୍ଷୋଭରେ ଗୋବିନ୍ଦ ଦାସ, ଫୁଲଚାନ୍ଦ ଲୋହାର, ପୀତବାସ ଦାସ, ସୁଶୀଲ ମହାକୁଡ଼,ଲକ୍ଷ୍ମଣ ଦେହୁରୀ,ଡିବାର ପୂର୍ତ୍ତି,ଅନାଦି ଦେହୁରୀ,ଚନ୍ଦ୍ର ମୋହନ ଦାସଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

# ଧାନଚାଷରେ ଚକଡାପୋକ

## କ୍ଷତିପୂରଣ ଦାବି କଲେ ଚାଷୀ, ସରପଞ୍ଚ

**ଜଳେଶ୍ୱର, ୭।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ବିଭିନ୍ନ ପଞ୍ଚାୟତରେ ଶହ ଶହ ହେକ୍ଟର ଧାନଚାଷରେ ଚକଡାପୋକ ଲାଗିଥିବା ଦେଖିବାକୁ ମିଳିଛି। ଏନେଇ ଚାଷୀମାନେ ହତାଶ ହୋଇପଡିଛନ୍ତି। ଏହାର ପ୍ରତିକାର ଓ କ୍ଷତିପୂରଣ ନିମନ୍ତେ ଉଚ୍ଚକର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଜଳେଶ୍ୱର ବ୍ଲକ ବର୍ତ୍ତନା ପଞ୍ଚାୟତର ବହୁ ଚାଷୀ ପ୍ରତିକୂଳ ପାଗରେ ଧାନ ଚାଷ କରିଥିଲେ ମଧ୍ୟ ଅମଳ ସମୟରେ ଚକଡାପୋକ ଲାଗିବା ଦ୍ୱାରା ସେମାନେ ହତାଶ ହୋଇପଡିଛନ୍ତି। ସେମାନେ ବିଭିନ୍ନ ପ୍ରକାର ଔଷଧ ପ୍ରୟୋଗ କରୁଥିଲେ ମଧ୍ୟ ତାହାର କୌଣସି ପ୍ରତିକାର ହେଉ ନ ଥିବା କହିଛନ୍ତି। ବର୍ତ୍ତନା ସରପଞ୍ଚ ପଦ୍ମଲୋଚନ ବେହେରା, ସମିତିସଭ୍ୟ ତ୍ରିଲୋଚନ ଦାସ, ଚାଷୀ ରବୀନ୍ଦ୍ର ବେହେରା, ମୃତ୍ୟୁଞ୍ଜୟ ସାମଲ, ରବୀନ୍ଦ୍ର ପଣ୍ଡା, ଗଣେଶ ସାମଲ, ସୁରେନ୍ଦ୍ର ସେନାପତି ପ୍ରମୁଖ କୃଷି ବିଭାଗର ଗ୍ରାମ୍ୟ କୃଷି ଅଧିକାରୀ ଶେଖ୍ ଅବଦୁଲ ରାଜନଙ୍କୁ ନେଇ ଚକଡାପୋକ ଲାଗିଥିବା ଚାଷଜମି ପରିଦର୍ଶନ କରିଥିଲେ । ସମ୍ପୃକ୍ତ ଅଧିକାରୀ ବ୍ଲକ, ଜିଲା କୃଷି ଅଧିକାରୀଙ୍କୁ ଏ ସମ୍ପର୍କରେ ଜଣାଇବେ ବୋଲି କହିଛନ୍ତି । ସେହିପରି କୋର୍ଟସାହି, ରାୟାଁରାମଚନ୍ଦ୍ରପୁର, ପାଇକସିଦା, ମହମ୍ମଦନଗରପାଟଣା, ରାଜପୁର, ଗୋପୀମୋହନପୁର ଆଦି ପଞ୍ଚାୟତରେ ଏପରି ଚକଡା ପୋକ ଲାଗିଥିବା ଦେଖିବାକୁ ମିଳିଛି। ଏହାର ପ୍ରତିକାର ଲାଗି ଉଚିତ୍ ପଦକ୍ଷେପ ନିଆ ନ ଗଲେ ଚାଷୀ ଆତ୍ମହତ୍ୟା ଭଳି ପରିସ୍ଥିତି ଉପୁଜିପାରେ ବୋଲି କେତେକ ଚାଷୀ ସଙ୍ଗଠନ କହିଛନ୍ତି। ଏ ସମ୍ପର୍କରେ ଜଳେଶ୍ୱର କୃଷି ଅଧିକାରୀ ସଞ୍ଜୟ ରାଉତ କହିଛନ୍ତି, ଜଳବାୟୁର ଅନିୟମିତ ପରବର୍ତ୍ତନ ଯୋଗୁ ଏପରି ପୋକର ପ୍ରାଦୁର୍ଭାବ ହୋଇଥାଏ ବୋଲି କହିଛନ୍ତି । ବିଶେଷକରି ବ୍ଲକର ସମସ୍ତ ଗ୍ରାମ୍ୟ କୃଷି ଅଧିକାରୀ ବିଭିନ୍ନ ଜମି ପରିଦର୍ଶନ କରି ଉଚିତ୍ ପଦକ୍ଷେପ ନେବାକୁ ଚାଷୀମାନଙ୍କୁ ବୁଝାଉଥିବା କହିଛନ୍ତି ।



# ମାରୱାଡ଼ି ସମାଜ ପକ୍ଷରୁ ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ସହାୟତା

**ଯୋଡ଼ା,୭।୧୧(ଡି.ଏନ.ଏ):** କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ବୃଦ୍ଧା ଶ୍ରମରେ ଯୋଡ଼ା ମାରୱାଡ଼ି ସମାଜ ପକ୍ଷରୁ ସୋମବାର ସହାୟତା ପ୍ରଦାନ କରାଯାଇଛି। ସାମାଜିକ କାର୍ଯ୍ୟକ୍ରମ ଅବସରରେ ମାରୱାଡ଼ି ସମାଜ ଯୋଡ଼ା ଶାଖା ପକ୍ଷରୁ ସଦସ୍ୟମାନେ ବୃଦ୍ଧାଶ୍ରମର ଆବଶ୍ୟକତା ଅନୁଯାୟୀ ଏକ ଫ୍ରିଜ, ଲୋକଙ୍କ ପାଇଁ ଲୁଗାପଟା, ଫଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଯୋଡ଼ା ନଗରପାଳ ଡା. ଜଗଦୀଶ ପ୍ରସାଦ ସାହୁ, ସମ୍ମାନିତ ଅତିଥି ଭାବେ ଉପନଗର ପାଳ ସନ୍ଧ୍ୟା ପାତ୍ରଙ୍କ ସହିତ ମାରୱାଡ଼ି ସମାଜର ପ୍ରକାଶ ଚନ୍ଦ୍ର ତିୱାରୀ, ଗୌରୀଶଙ୍କର ସିଂଘାନିଆ, ଡା. ଓମ ପ୍ରକାଶ ମହୋତା, ରାଧେଶ୍ୟାମ ପଟୱାରୀ, ବିନୋଦ କେଜ୍ରିୱାଲ, ଚିରଞ୍ଜିତ୍ ଲାଲ ଶର୍ମା, ଅଶୋକ ତିୱାରୀ, ଶ୍ୟାମ ଅଗ୍ରୱାଲଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବୃଦ୍ଧା ଶ୍ରମର ପରିଚାଳକ ବିଜୟ ଲକ୍ଷ୍ମୀ ରାଉତ ସହଯୋଗ କରିଥିଲେ।

# ୧୪୧ ଅଭିଯୋଗ ଆଗତ, ୩୦ ଫଇସଲା



ଅଭିଯୋଗ ଶୁଣାଣି ଶିବିର।

**କେନ୍ଦୁଝର, ୭।୧୧(ସ୍ୱ.ପ୍ର/ଡି.ଏନ୍.ଏ)**

କେନ୍ଦୁଝର ଜିଲାପାଳ ଆଶିଷ ଠାକରେ ଏବଂ ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ ଅକ୍ଷତାରେ କେନ୍ଦୁଝର ଜିଲା ସଦର ମହକୁମାସ୍ଥ ଦରବାର ହଲ୍‌ଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୋଟ୍ ୧୪୧ଟି ଅଭିଯୋଗ ଆଗତ ହୋଇଥିବା ବେଳେ ସେଥିରୁ ୩୦ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ସହାୟତା ପାଇଁ ୧୭ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୨୩ଟି ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବା ବେଳେ ୧୧୮ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସୁଷମା ବିଲୁଙ୍ଗ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ଯଦୁମଣି ମହଲା, ଆଇଏଏସ ପ୍ରୋବେସନର ଧିମେନ ଚକ୍‌ମା, ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଜିଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. କିଶୋର ପୃଷ୍ଟି, ଡେପୁଟି କଲେକ୍ଟର (ଆପତକାଳୀନ) ସୁରଞ୍ଜିକା ବେହେରା ଏବଂ ଡେପୁଟି କଲେକ୍ଟର ସୁଚିସ୍ମିତା ଦାଶଙ୍କ ସମେତ ଜିଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

# ଆଦିବାସୀ ବସ୍ତିରେ ମୁକ୍ତଶିକ୍ଷା

**ଭଣ୍ଡାରିପୋଖରୀ,୭।୧୧(ସ୍ୱ.ପ୍ର.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଅଧୀନ ପାଟୁଳି ପଞ୍ଚାୟତ ମୋବାରକପୁର ଆଦିବାସୀ ବସ୍ତିରେ ଉତ୍କଳ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ ପାଠଶାଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟ ପକ୍ଷରୁ ମୁକ୍ତଶିକ୍ଷା କାର୍ଯ୍ୟକ୍ରମ ଦ୍ୱାରା ପିଲାମାନଙ୍କୁ ଶିକ୍ଷା ଦେବା ସହ ଯେଉଁ ପିଲାମାନେ ସ୍କୁଲ ଯାଉନାହାନ୍ତି ସେମାନେ କିପରି ସ୍କୁଲ ଯିବେ ସେନେଇ ସଚେତନତା କରାଯାଇଛି। ଟ୍ରଷ୍ଟର ପ୍ରତିଷ୍ଠାତା ତ୍ରିଲୋଚନ ଦାଶ, ସଭାପତି ଅଜିତ୍ ପତି, ପ୍ରଭାତ ରାଉତ, ଦୀପକ ମଲ୍ଲିକ, ବିନୋଦ ବାରିକ, ନୀଳମଣି ସାହାଣୀ, ଅଶ୍ୱିନୀ ସାହୁ, ସୁଶାନ୍ତ ବେହେରା, ମହେଶ୍ୱର ବେହେରା, ତୋଫାନୀ ପଣ୍ଡା, ମହେଶ୍ୱର ବେହେରା ଓ ନରେନ୍ଦ୍ର ବାରିକ ଉପସ୍ଥିତ ଥିଲେ। ଶେଷରେ ପିଲାମାନଙ୍କୁ ପାଠ୍ୟ ଉପକରଣ ବଣ୍ଟା ଯାଇଥିଲା।




# ଶ୍ରାଦ୍ଧବାର୍ଷିକୀରେ ଶିକ୍ଷକ ନେତାଙ୍କ ସ୍ମୃତିଚାରଣ

**ଚାନ୍ଦବାଲି, ୭।୧୧(ଡି.ଏନ୍.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ମତୋ ପଞ୍ଚାୟତ ସଭାଗୃହରେ ଦିବଂଗତ ଶିକ୍ଷକ ନେତା ଅବନୀ କୁମାର ବରାଳଙ୍କ ଶ୍ରାଦ୍ଧବାର୍ଷିକୀ ଅବସରେ ସୋମବାର ପୂର୍ବାହ୍ନରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ବଳିରାମ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। ବହୁ ଶିକ୍ଷକ ସଭାରେ ଯୋଗଦେଇ ସ୍ୱର୍ଗତ ବରାଳଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଶିକ୍ଷକ ସମାଜ ପାଇଁ ସେ ଗ୍ରହଣ କରିଥିବା ଫଳପ୍ରଦ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ନେତା ନବଘନ ସାମଲ, ପ୍ରମୋଦ ଚନ୍ଦ୍ର ତ୍ରିପାଠୀ, ଚକ୍ରଧର ମହାକୁଡ଼, ଗୌରହରି ନାୟକ, ଗୋପାଳ ଚନ୍ଦ୍ର ରାଉତ, ପ୍ରଫୁଲ୍ଲ ପୁହାଣ, ଜୟକୃଷ୍ଣ ନାୟକ, କମଳାକାନ୍ତ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଗୌରାଙ୍ଗ ରାଉତ ଧନ୍ୟବାଦ ପ୍ରଦାନ କରିଥିଲେ।

# ମିଶନ ଶକ୍ତି କାର୍ଯ୍ୟ ସମୀକ୍ଷାକଲେ ମନ୍ତ୍ରୀ

**ପାଟଣା,୭।୧୧(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡ଼ା ବ୍ଲକ୍ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟକୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଗସ୍ତ କରିଛନ୍ତି। ମିଶନ ଶକ୍ତି ଅଧୀନ ସ୍ୱୟଂ ସହାୟିକା ଗୋଷ୍ଠୀର ପଶୁ ପାଳନ, ମାଛ ଚାଷ, କୁକୁଡ଼ା ପାଳନ, ଉନ୍ନତ ମାନର ଛତୁଆ ପ୍ରସ୍ତୁତି ଓ ମଧ୍ୟାହ୍ନ ଭୋଜନରେ କିଭଳି ଭାଗିଦାରୀ ରହୁଛି ଓ କି ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତା ଉପରେ ସମୀକ୍ଷା କରିଥିଲେ। ବୈଠକରେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ଜଗନ୍ନାଥ ନାଏକ, ସାହାରପଡ଼ା ବ୍ଲକ୍ ଅଧକ୍ଷା ରୀନା ନାୟକ, ଉପାଧକ୍ଷା ଛବିରାଣୀ ସେଠୀ, ବ୍ଲକ୍‌ସ୍ତରୀୟ ମିଶନ ଶକ୍ତି ମହାସଂଘ ସମ୍ପାଦିକା ତୁଷାରିକା ମହାନ୍ତ, ୨୯ ନଂ. ଜିଲା ପରିଷଦ ସଦସ୍ୟ ବୁଦ୍ଧଦେବ ମହାକୁଡ଼, ୩୦ ନଂ. ଜିଲା ପରିଷଦ ସଦସ୍ୟ ଚମ୍ପାବତୀ ଗୁଡ୍ଡୁ, ବିଡିଓ ବିଜୟ ନାଏୟ, ସିଡିପିଓ ଦୀପ୍ତିମୟୀ ନାୟକ, କପୁଣ୍ଡି ସରପଞ୍ଚ ଅନିତା କୁସୁମୁଳିଆ, ପୂର୍ବତନ ସାହାରପଡ଼ା ବ୍ଲକ୍ ଉପାଧକ୍ଷା କିରଣ ବାଳା ସିଂ, ପାଟଣା ବିପିଏମ ମନୋରଞ୍ଜନ ମହାପାତ୍ର, ବିପିସି ପ୍ରିୟରଞ୍ଜନ ଗୁଡୁ ପ୍ରମୁଖ ଯୋଗ ଦେଇଥିଲେ।



ମନ୍ତ୍ରୀ, ବିଧାୟକଙ୍କ ସହ ମହିଳା ଗୋଷ୍ଠୀ ସଦସ୍ୟମାନେ।

# ମ୍ୟୁନିସିପାଲିଟିର ଟାଳଟୁଳ ନୀତି, ତେଜୁଛି ଅସନ୍ତୋଷ

## ବସ୍‌ଷ୍ଟାଣ୍ଡ ରାସ୍ତାରେ ହେଉନି ଉଚ୍ଛେଦ

**ବାରିପଦା ଅଫିସ,୭।୧୧**

ମୟୂରଭଞ୍ଜ ଜିଲା ବାରିପଦା ସହରରେ ଦିନକୁ ଦିନ ବଢୁଛି ଟ୍ରାଫିକ ସମସ୍ୟା । ଦୋକାନୀମାନେ ରାସ୍ତା ଉପରେ ବାଣିଜ୍ୟିକ ପ୍ରତିଷ୍ଠାନ ଖୋଲିବା ଦ୍ୱାରା ରାସ୍ତା ସଙ୍କୁଚିତ ହୋଇପଡୁଛି । ଫଳରେ ଗାଡ଼ିମଟର ଚଳାଚଳରେ ବ୍ୟାଘାତ ହେଉଥିବା ବେଳେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ଏହାକୁ ନେଇ ବାରିପଦା ପୌର ପରିଷଦ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରାଯାଇଛି। ମାତ୍ର ପୌର ପରିଷଦର ନାକ ତଳେ ଥିବା ବସଷ୍ଟାଣ୍ଡ ରାସ୍ତାର ଉଚ୍ଛେଦ କରାଯାଉ ନାହିଁ । ଏ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଭାବଶାଳୀ ବ୍ୟବସାୟୀଙ୍କ ଛତ୍ରଛାୟାରେ ଅଧିକାରୀ ତଥା ପୌରପରିଷଦର କର୍ମଚାରୀମାନେ ପଦକ୍ଷେପ ନେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ହେଉଛି।

ସୋମବାର ପୌର ପରିଷଦ ପକ୍ଷରୁ ବେଆଇନ ଦୋକାନ ଗୃହଗୁଡ଼ିକ ଉଚ୍ଛେଦ କରାଯାଇଛି। ସହରର ଷ୍ଟାଡିୟମ ଅଞ୍ଚଳ, ଛଉ ପଡ଼ିଆ, ଘୋଡ଼ାବନ୍ଧ, କାଠିଆ ଛକ, ଫ୍ରେଜର ହଷ୍ଟେଲ ଛକ ଓ ପିଆର୍‌ଏମ୍ ମେଡିକାଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବେଆଇନ ଭାବେ ଗଢ଼ି ଉଠିଥିବା ଦୋକାନଗୁଡ଼ିକ ଭାଙ୍ଗି ଦିଆଯାଇଛି। ପିଆର୍‌ଏମ୍ ମେଡିକାଲର ସାତମହଲା ବିଲ୍ଡିଂକୁ ସଂଯୋଗ କରୁଥିବା ରାସ୍ତାରେ ବାରମ୍ବାର ଉଚ୍ଛେଦ କରିବା ଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା । ସରକାରୀ ଜମିକୁ ମାଡ଼ି ବସିଥିବା କୋଠା ଘର ଗୁଡ଼ିକ ଭଙ୍ଗା ଯାଉ ନ ଥିବା ବେଳେ ଗରିବ ଖଟିଖିଆଙ୍କ କୁଡିଆ ଘର ସଦୃଶ ଦୋକାନକୁ ଭାଙ୍ଗିବାରେ ମ୍ୟୁନସିପାଲିଟି ବ୍ୟସ୍ତ ରହୁଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ତେବେ ପଡ଼ୋଶୀ ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ରାଜ୍ୟରୁ ଆସୁଥିବା ରୋଗୀ ଏବଂ ଜିଲା ସଦର ମହକୁମାକୁ ଆସୁଥିବା ଜିଲାବାସୀ ସହରର ଭିଡ଼ ମଧ୍ୟରେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି । ମ୍ୟୁନସିପାଲିଟିକୁ ଲାଗିଥିବା ଓ ଜିଲାପାଳଙ୍କ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ବସ୍‌ଷ୍ଟାଣ୍ଡ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଦୋକାନୀମାନେ ବେଆଇନ ଭାବେ ରାସ୍ତାକୁ ଦଖଲ କରିବାରେ ଲାଗିଛନ୍ତି। ଫଳରେ ଯାତ୍ରୀବାହୀ ବସ୍ ଯିବା ସମୟରେ ସମ୍ମୁଖ ଭାଗ କିମ୍ବା ପଛ ପାର୍ଶ୍ୱରୁ ଗାଡ଼ି ମଟର ଚଳପ୍ରଚଳ କଷ୍ଟକର ହୋଇପଡୁଛି। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ଦାୟିତ୍ୱ ଦେଇ ପୌର ପରିଷଦ ଦାୟିତ୍ୱ ଖସାଇ ନେଉଛି। ଫଳରେ ଦିନକୁ ଦୁଇ ଶହରୁ ଉର୍ଦ୍ଧ୍ୱ ବସ ଚଳାଚଳ କରୁଥିବାରୁ ଉକ୍ତ ରାସ୍ତା ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ କିମ୍ବା କଚେରୀ କାର୍ଯ୍ୟକୁ ଆସୁଥିବା ଲୋକମାନେ ବହୁ ହଇରାଣ ହରକତ ହୋଇ ବୁଲାଣିଆ ରାସ୍ତାରେ ଯାଉଛନ୍ତି । ଜିଲା ପ୍ରଶାସନ ଓ ପୌର ପରିଷଦ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅନ୍ୟମାନଙ୍କ ଭଳି ଉଚ୍ଛେଦ କରିପାରିଲେ ସମସ୍ୟାର ସମାଧାନ ହୋଇପାରନ୍ତା ବୋଲି ସହରବାସୀ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ପୌରାଧକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କୁ ପଚାରିବାରୁ ଉକ୍ତ ରାସ୍ତାକୁ ମାଡ଼ି ଆସିଥିବା ଦୋକାନୀମାନଙ୍କୁ ଅବଗତ କରି ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଉଚ୍ଛେଦ ସମୟରେ ସୃଷ୍ଟି ହୋଇଥିବା ଉତ୍ତେଜନା।

## ଡ୍ରାଇଭର ମହାସଂଘର ଦଣ୍ଡବତ ଯାତ୍ରା

କପ୍ତିପଦା,(ଡି.ଏନ.ଏ.): ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ୯ଦଫା ଦାବି ନେଇ ସୋମବାର ଦଣ୍ଡବତ ଯାତ୍ରାର ଶୁଭାରମ୍ଭ ହୋଇଛି। ଏସମ୍ପର୍କରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଯାଇଛି। କପ୍ତିପଦା ଜଗନ୍ନାଥ ମନ୍ଦିର ନିକଟରୁ ଏହି ଦଣ୍ଡଯାତ୍ରାର ଶୁଭାରମ୍ଭ ହୋଇଥିଲା। ଏହି ଶୋଭାଯାତ୍ରାରେ କ୍ରିଷ୍ଣା ନାଏକ, ଘନଶ୍ୟାମ ମହାନ୍ତି, ଜିତେନ୍ଦ୍ର ମହାନ୍ତ, ମଳୟ ଦାସବାବୁ, ବିନୋଦ ଲାହୋର ଏବଂ ଓଡ଼ିଶା ଡ୍ରାଇଭର ମହାସଂଘ, କପ୍ତିପଦାର କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ଭୋଗରାଇ
- ଶ୍ୟାମସୁନ୍ଦର ରିକ୍ରିଏସନ୍ ସେଣ୍ଟର ଶତବାର୍ଷିକୀ ଉତ୍ସବ ସମାରୋହ ଉଦ୍‌ଘାଟନ, ସ୍ଥାନ: ଭୋଗରାଇ, ସମୟ: ପୂର୍ବାହ୍ଣ ୯ଟା।
- ସାହାବନ୍ଦର ବୋଇତ ବନ୍ଦାଣ ଉତ୍ସବ, ସ୍ଥାନ: ଆରୁହାବୃତ୍ତି, ସମୟ: ଅପରାହ୍ଣ ୩ଟା।

ଭଦ୍ରକ
- ପଞ୍ଚଦଶ ବାର୍ଷିକ ସାଗରସାଥି ବୋଇତ ବନ୍ଦାଣ ମହୋତ୍ସବ-୨୦୨୨, ସ୍ଥାନ: ଚୂଡ଼ାମଣି ହାଟ ପଡ଼ିଆ, ଗମେଇ ନଦୀ ମୁହାଣ, ବାସୁଦେବପୁର, ସମୟ: ସକାଳ ୮ରୁ ଆରମ୍ଭ।
- କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ଦ୍ୱାରା ବୋଇତ ବନ୍ଦାଣ କାର୍ଯ୍ୟକ୍ରମ, ସ୍ଥାନ: ଧାମରା ବନ୍ଦର, ସମୟ: ପୂର୍ବାହ୍ଣ ୧୧ଟା।

## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ଅଭିଯୋଗ, ବାପ ପୁଅ ଗିରଫ

ବାହାନଗା, ୭।୧୧(ଡି.ଏନ.ଏ.): ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ବାଲେଶ୍ୱର ଜିଲା ବାହାନଗା ବ୍ଲକ ସୋର ଥାନା ପୋଲିସ ସମ୍ପୃକ୍ତ ଯୁବକ ଓ ତାଙ୍କ ବାପାଙ୍କୁ ଗିରଫ କରିବା ସହ ନାବାଳିକାଙ୍କୁ ଭୁବନେଶ୍ୱରରୁ ଉଦ୍ଧାର କରିଛି। ଏନେଇ ସୋର ଥାନାରେ ଏକ ମାମଲା(ନଂ.୩୯୨/୨୨) ରୁଜୁ କରାଯାଇଛି। ଉକ୍ତ ନାବାଳିକା ତାଙ୍କ ମାମୁ ଘର ବଛଦା ଗ୍ରାମରେ ରହି ପଢୁଥିଲେ। ବାହାନଗା ବ୍ଲକ ବରିପଦା ପଞ୍ଚାୟତ ଖେରଙ୍ଗ ଗ୍ରାମର ଶ୍ୟାମସୁନ୍ଦର ଦାସଙ୍କ ପୁଅ ଅଜୟ କୁମାର ଦାସ ନାବାଳିକାଙ୍କୁ ତାଙ୍କ ମାମୁ ଘରୁ ଅପହରଣ କରି ନେଇ ପଳାଇଯାଇଥିଲେ। ଏନେଇ ବାସୁଦେବପୁର ଥାନାରେ ସେପ୍ଟେମ୍ବରରେ ଏକ ମାମଲା ରୁଜୁ କରାଯାଇଥିଲା। କିଛି ଦିନ ପରେ ନାବାଳିକାଙ୍କୁ ପରିବାର ଲୋକେ ଖୋଜାଖୋଜି କରି ପାଇବା ପରେ ଘରେ ଆଣି ରଖିଥିଲେ। ପୁନର୍ବାର ସେହି ଯୁବକ ନାବାଳିକାଙ୍କୁ ତାଙ୍କ ଘରୁ ଅପହରଣ କରିନେଇ ପଳାଇଥିଲେ। ଏନେଇ ସୋର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଚାରିଆଡେ ଖୋଜାଖୋଜି କରିବା ପରେ ଭୁବନେଶ୍ୱରରୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲା। ଅପହରଣ ମାମଲାରେ ପୋଲିସ ଅଜୟଙ୍କୁ ଗିରଫ କରିବା ସହ ଲୁଚାଇ ରଖିବାରେ ସହାୟତା କରିଥିବା ତାଙ୍କ ବାପାଙ୍କୁ ସୋର ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

### ଛେଳି ଚୋରି ଅଭିଯୋଗରେ ଜଣେ ଗିରଫ

ଢେଙ୍କିକୋଟ,୭।୧୧(ଡି.ଏନ.ଏ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ବିଟ୍‌ହାଉସ ଅନ୍ତର୍ଗତ ଭୋଲବେଡ଼ା ଗ୍ରାମରୁ ଛେଳି ଚୋରି ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ଗ୍ରାମର ରବିନ୍ଦ୍ର ନାୟକ। ଗତ ସେପ୍ଟେମ୍ବରରେ ଗ୍ରାମର ବାସନ୍ତି ନାୟକଙ୍କ ୩ ଛେଳି ଚୋରି ହୋଇଥିଲା। ଜଙ୍ଗଲରେ ଛେଳି ଚରୁଥିବାରୁ ହେଟା ବାଘ ମାରି ଖାଇଗଲା ଭାବି ସେ ଚୁପ୍ ରହିଥିଲେ। ମାତ୍ର ଅଭିଯୁକ୍ତଙ୍କ ଘରେ ଛେଳି ନ ଥିବା ବେଳେ ସେ ଛେଳି ବିକ୍ରିକୁ ନେଇ ସନ୍ଦେହ କରି ବାସନ୍ତି ପୋଲିସ ବିଟହାଉସ୍‌ରେ ଅଭିଯୋଗ କରିଥିଲେ। ଅଧିକାରୀ ତରଣୀସେନ ବାଗ ତଦନ୍ତ କରି ରବିବାର ମୁକ୍ତାପୁର ପଞ୍ଚାୟତ ଡଳଙ୍ଗପାଣି ଗ୍ରାମରୁ ରବିନ୍ଦ୍ରଙ୍କୁ ଗିରଫ କରିଥିଲେ। ସେ ଚୋରି କରି ବିକ୍ରି କରିଥିବା ୩ ଛେଳିକୁ ଉଦ୍ଧାର କରିଛନ୍ତି। ଏ ନେଇ ଘଟଗାଁ ଥାନାରେ ନଂ. -୨୩୮/୨୨ରେ ଏକ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛନ୍ତି।

# ଚନ୍ଦ୍ରଗ୍ରହଣ ପାଇଁ ବେପାର ମାନ୍ଦା

## କମିଲା ଡଙ୍ଗା ବିକ୍ରି

ଭଦ୍ରକ ଅଫିସ,୭।୧୧


ବଙ୍କବାସୁଳୀ ମନ୍ଦିର ଆଗରେ ବିକ୍ରି ହେଉଥିବା ଡଙ୍ଗା।

କାର୍ତ୍ତିକ ପୂର୍ଣ୍ଣିମାରେ ବୋଇତ ବନ୍ଦାଣ ଓ ଡଙ୍ଗା ଭସାଇବାର ପରମ୍ପରା ରହିଛି। ଏଥର କାର୍ତ୍ତିକ ପୂର୍ଣ୍ଣିମାରେ ଚନ୍ଦ୍ରଗ୍ରହଣ ଲାଗୁଥିବାରୁ ଭୋର ୫ଟା ୫୪ ମିନିଟ୍ ପୂର୍ବରୁ ଡଙ୍ଗାଭସା ଓ ବୋଇତ ବନ୍ଦାଣ କରାଯିବ। ଏହାପରେ ଦେବନୀତି ବନ୍ଦ ରହିବା ସହ ଡଙ୍ଗା ନ ଭସାଇବାକୁ ଜ୍ୟୋତିର୍ବିଦ୍‌ମାନେ ସୂଚନା ଦେଇଛନ୍ତି। ଡଙ୍ଗା ଭସାଇବାର ନିର୍ଦ୍ଦିଷ୍ଟ ସମୟ ରହିଥିବାରୁ ବଜାରରେ ଡଙ୍ଗା ବିକ୍ରି ଉପରେ ଏହାର ପ୍ରଭାବ ପଡ଼ିଛି। ଚଳିତବର୍ଷ ଚନ୍ଦ୍ରଗ୍ରହଣ ପାଇଁ ବେପାର ମାନ୍ଦା ପଡ଼ିଛି। କମ୍ ଡଙ୍ଗା ବିକ୍ରି ହୋଇଥିବା ବେପାରୀମାନେ ପ୍ରକାଶ କରିଛନ୍ତି।

ଭଦ୍ରକ ପୌରାଞ୍ଚଳର ପାଟଣାସାହିରେ ୧୦ରୁ ୧୨ ପରିବାର ସୋଲ ଓ ଅନ୍ୟାନ୍ୟ ସାମଗ୍ରୀରେ ବିଭିନ୍ନ ପ୍ରକାର ଡଙ୍ଗା ତିଆରି କରିଥାନ୍ତି। ପଞ୍ଚୁକ, ପୂର୍ଣ୍ଣିମା ସମୟରେ ଏହି ଡଙ୍ଗା ବିକ୍ରି କରି ଭଲ ଦୁଇ ପଇସା ରୋଜଗାର କରିଥାନ୍ତି। ମାସେ ପୂର୍ବରୁ ସପରିବାର ଏହି କାମରେ ଲାଗିଥାନ୍ତି। ହେଲେ ଚଳିତବର୍ଷ ବର୍ଷେ ଭଲ ବ୍ୟବସାୟ ହୋଇ ନ ଥିବାରୁ ନିରାଶ ହୋଇଛନ୍ତି। ଗ୍ରାମର ରାଧାକାନ୍ତ ସାହୁ କହିଛନ୍ତି, ଗତ ଦୁଇବର୍ଷ ଧରି କୋଭିଡ୍ କଟକଣା ଯୋଗୁ କାର୍ତ୍ତିକ ପୂର୍ଣ୍ଣିମାରେ ଡଙ୍ଗା ଭସାଯାଇ ନ ଥିଲା। ଏବର୍ଷ କଟକଣା ନ ଥିବାରୁ ଡଙ୍ଗା ଭଲ ବିକ୍ରି ହେବ ବୋଲି ଆଶା ରଖିଥିଲୁ। କିନ୍ତୁ ଚନ୍ଦ୍ରଗ୍ରହଣ ଲାଗୁଥିବାରୁ ଆଶାନୁଯାୟୀ ଡଙ୍ଗା ବିକ୍ରି ହେଉନାହିଁ। ପ୍ରତିବର୍ଷ ଏହି ସମୟରେ ୩ରୁ ୪ ହଜାର ଟଙ୍କାର ଡଙ୍ଗା ବିକ୍ରି ହୋଇଥାଏ। ଏଥର ମାତ୍ର ଅଢ଼େଇ ହଜାର ଟଙ୍କା ମଧ୍ୟରେ ବିକ୍ରି ହୋଇଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@ସୁମନ୍ତ


@ରାଜୀବ


@ପରେଶ


@ମାନସ


@ମଳୟ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଆଖଣ୍ଡଳମଣିଙ୍କୁ ଦର୍ଶନ କଲେ ସୂର୍ଯ୍ୟବଂଶୀ


ନବନିର୍ବାଚିତ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଆଖଣ୍ଡଳମଣି ମନ୍ଦିର ମୁକ୍ତିମଣ୍ଡପରେ ପୂଜାର୍ଚ୍ଚନା କରୁଛନ୍ତି।

ଆରଡ଼ି, ୭।୧୧ (ଡି.ଏନ୍.ଏ.)

ଧାମନଗର ଉପନିର୍ବାଚନରେ ବିଜୟ ହାସଲ କରିବା ପରେ ଯୁବ ବିଧାୟକ ସୂର୍ଯ୍ୟବଂଶୀ ସୂରଜ ସୋମବାର ଦଳୀୟ କର୍ମୀଙ୍କ ସହ ଆରଡ଼ି ପୀଠକୁ ଆସି ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିଛନ୍ତି। ଧୂଷୁରୀ, ସୂର୍ଯ୍ୟପୁର, ପନ୍ଦରବାଟିଆ, ସାଆଁଳପୁର, ବେତାଳିଗାଁ, ସାହୁସାହି, ସୁନ୍ଦରପୁର, ମଠଡିହ, ଆରଡ଼ି ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ ଦଳୀୟ କର୍ମୀମାନେ ତାଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ଅପରାହ୍ଣରେ ସୂର୍ଯ୍ୟବଂଶୀ ପୀଠରେ ପହଞ୍ଚି ବାବା ଆଖଣ୍ଡଳମଣିଙ୍କୁ ଦର୍ଶନ କରିବା ସହ ମୁକ୍ତି ମଣ୍ଡପରେ ପୂଜାର୍ଚ୍ଚନା କରିଥିଲେ। ବାବା ଆଖଣ୍ଡଳମଣିଙ୍କ ଅପାର କରୁଣା ଓ ଆଶୀର୍ବାଦରୁ ସେ ବିଜୟ ହାସଲ କରିଛନ୍ତି। ଜନସାଧାରଣଙ୍କର ଏ ବିଜୟରେ ସେ ନିମିତ୍ତ ମାତ୍ର ଓ ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ସେମାନଙ୍କ ସୁଖଦୁଃଖରେ ଭାଗୀଦାର ହେବେ ବୋଲି ପ୍ରତିକ୍ରିୟାରେ କହିଛନ୍ତି। ଭାଜପାର ବରିଷ୍ଠ ନେତା ମନମୋହନ ସାମଲ, ବଦ୍ରି ନାରାୟଣ ଧଳ, ମନସ୍ମିତା ଖୁଣ୍ଟିଆ, ଅଶୋକ ପୁହାଣ, ଚତୁର୍ଭୁଜ ନାୟକ, କିଶୋର ନାୟକ, ସୁରେଶ ସାହୁ, ସନ୍ଦୀପ କୁମାର ନାୟକ ପ୍ରମୁଖ ପୀଠରେ ଉପସ୍ଥିତ ଥିଲେ। ଆରଡ଼ିର ଭାଜପା ବରିଷ୍ଠ କର୍ମୀ ଦେବଦତ୍ତ ପାଢ଼ୀ, ଜୀବନାନନ୍ଦ ପାଢ଼ୀ, କିଷନ କୁମାର ପାଢ଼ୀ, ରାକେଶ ନାୟକ, ଉତ୍ତମ ମିଶ୍ର, ପ୍ରଦୀପ ନାୟକ, ଉମେଶ ସାହୁ ପ୍ରମୁଖ ନବନିର୍ବାଚିତ ବିଧାୟକଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ।

## ପାଟଣା ରେଞ୍ଜରେ ୨୪ ଟିକିଆ ହାତୀପଲ

ପାଟଣା,୭।୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ତୁରୁମୁଙ୍ଗା ବିଟ୍ ତ୍ରିବିନ୍ଧାରେ ୨୪ ଟିକିଆ ଝାଡ଼ଖଣ୍ଡି ବଣୁଆ ହାତୀପଲ ଦେଖାଯାଇଛି। ସୋମବାର ସନ୍ଧ୍ୟାରେ ହାତୀପଲ କରଞ୍ଜିଆ ରେଞ୍ଜ ଦେଇ ପସିଛନ୍ତି। ରବିବାର ବିଳମ୍ବିତ ରାତିରେ ହାତୀପଲ ଚମ୍ପୁଆ ରେଞ୍ଜରୁ ଆସିବା ବାଟରେ ପାଟଣା ରେଞ୍ଜର ବୁଢ଼ୀକାପୁଡ଼ି, ତେନ୍ତେଳା, ତ୍ରିବିନ୍ଧା ଅଞ୍ଚଳରେ ବ୍ୟାପକ ଧାନ ଫସଲ ଖାଇବା ସହ ଦଳି ନଷ୍ଟ କରିଛନ୍ତି। ଗାଁ ନିକଟରେ ହାତୀପଲ ଥିବାରୁ ଅଞ୍ଚଳବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ପଲ ଉପରେ ତୀକ୍ଷଣ ନଜର ରଖାଯାଇଥିବା ରେଞ୍ଜର ଘାସିନାଥ ପାତ୍ର କହିଛନ୍ତି।

# ଗଡ଼ିଲା ପୁଷ୍ଟିଶସ୍ୟ ସଚେତନତା ରଥ

କେନ୍ଦୁଝର,୭।୧୧(ଡି.ଏନ୍.ଏ)


ଜିଲାପାଳ ରଥକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଚଳିତ ନଭେମ୍ବର ୧୦ ତାରିଖ ମାର୍ଗଶିର ମାସ ପ୍ରଥମ ଗୁରୁବାରକୁ ରାଜ୍ୟ ସରକାର 'ମାଣ୍ଡିଆ ଦିବସ' ଭାବେ ପାଳନ ନେଇ ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ମାଣ୍ଡିଆ ଜାତୀୟ ପୁଷ୍ଟି ଶସ୍ୟ ସମ୍ପର୍କରେ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ କେନ୍ଦୁଝର ଜିଲାରେ ସଚେତନତା ରଥ ଗଡ଼ିଛି। ସୋମବାର ଦିନ ଜିଲାପାଳ ଆଶିଷ ଠାକ୍‌ରେ ପତାକା ଦେଖାଇ ଜିଲା କାର୍ଯ୍ୟାଳୟ ପରିସରରୁ ୭ଟି ରଥର ଶୁଭାରମ୍ଭ କରିଛନ୍ତି। ସୂଚନାଯୋଗ୍ୟ, ରଥ ଜିଲାର ସମସ୍ତ ବ୍ଲକ୍ ପରିକ୍ରମା କରିବ ଏବଂ ୮ଟି ମାଣ୍ଡିଆ ଜାତୀୟ ପୃଷ୍ଟିଶସ୍ୟର ଗୁରୁତ୍ୱ ଓ ମାଣ୍ଡିଆ ଦିବସ ପାଳନ ସମ୍ପର୍କରେ ସଚେତନତା ସୃଷ୍ଟି କରିବ। ମୁଖ୍ୟ ଜିଲା କୃଷି ଅଧିକାରୀ ବିଜୟ ସ୍ୱାଇଁ, ମିଲେଟ ମିଶନର ଜିଲା ସଂଯୋଜକ ସଞ୍ଜୟ ସାହୁ, ପ୍ରୋଜେକ୍ଟ ଅଫିସର ସୁମନସ୍ମିତା ତରାଇଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ତଥା କର୍ମକର୍ତ୍ତା ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ସୁବ୍ରମଣ୍ୟମ୍ ଏମ୍‌ସିସି ବ୍ୟାଙ୍କର ସଭାପତି

ବାରିପଦା ଅଫିସ,୭।୧୧


ସୁବ୍ରମଣ୍ୟମ ମହାନ୍ତି।

ମୟୂରଭଞ୍ଜ କେନ୍ଦ୍ର ସମବାୟ (ଏମ୍‌ସିସି) ବ୍ୟାଙ୍କର ସଭାପତି ଭାବେ ସୁବ୍ରମଣ୍ୟମ ମହାନ୍ତି ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସୋମବାର ସଭାପତି ପଦ ନିମନ୍ତେ ନିର୍ବାଚନ ହେବାକୁ ଥିବା ବେଳେ ଏକମାତ୍ର ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ୧୪ନଂ. ଜୋନର ନିର୍ଦ୍ଦେଶକ ସୁବ୍ରମଣ୍ୟମ ନାମାଙ୍କନପତ୍ର ଦାଖଲ କରିଥିଲେ। ପ୍ରତିଦ୍ୱନ୍ଦୀ ଭାବେ କୌଣସି ପ୍ରାର୍ଥୀ ନାମାଙ୍କନ ଦାଖଲ କରି ନ ଥିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ତଥା ବାରିପଦା ଉପଖଣ୍ଡ ସମବାୟ ସମୂହର ଉପନିବନ୍ଧକ କୃଷ୍ଣଚନ୍ଦ୍ର ଦାସ ପ୍ରକାଶ କରିଛନ୍ତି। ବ୍ୟାଙ୍କ ଅଧୀନ ୧୫ଟି ଜୋନ୍ ମଧ୍ୟରୁ ୮ଟିରେ ଏକକ ପ୍ରାର୍ଥୀ ରହି ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ। ଅବଶିଷ୍ଟ ୭ଟି ଜୋନରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସମସ୍ତ ଜୋନ୍ ବିଜେଡି ସମର୍ଥିତ ପ୍ରାର୍ଥୀ ହୋଇଥିବା ବେଳେ ୪ନଂ ଜୋନ୍‌ରେ ବିଜେଡିର ଦୁଇ ଜଣ ବରିଷ୍ଠ ନେତା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଦଳ ସମର୍ଥନରୁ ପ୍ରାକ୍ତନ ବ୍ୟାଙ୍କ ସଭାପତି ରାଜ କିଶୋର ଆଚାର୍ଯ୍ୟ ଓ ଦଳର ଆଭ୍ୟନ୍ତରୀଣ ସମର୍ଥନରେ ବିଜେଡିର ବଡ଼ସାହି ବ୍ଲକ ସଭାପତି ତପନ କୁମାର ପତି ପ୍ରତିଦ୍ୱନ୍ଦିତା କରିଥିଲେ। ଏହାକୁ ନେଇ ଦଳୀୟ କର୍ମୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲେ ହେଁ କନ୍ଦଳକୁ ପ୍ରଶମିତ କରିବାକୁ ଚେଷ୍ଟା ଜାରି ରହିଛି।

# ଶିକ୍ଷକ ଅଭାବ ନେଇ ବିଇଓଙ୍କୁ ଭେଟିଲେ ଛାତ୍ରୀଛାତ୍ର, ଅଭିଭାବକ

ଖଇରା, ୭।୧୧(ଡି.ଏନ.ଏ.)


ଅଭିଭାବକ ଓ ଛାତ୍ରୀଛାତ୍ରମାନେ ଶିକ୍ଷକ ସମସ୍ୟା ବିଷୟରେ ବିଇଓଙ୍କ ସହ ଆଲୋଚନା କରୁଛନ୍ତି।

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସୁଣ୍ଡିରା ଉ.ପ୍ରା. ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ଦିନକୁ ଦିନ ଜଟିଳ ହେବାରେ ଲାଗିଛି । ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ ଶିକ୍ଷାବର୍ଷର ୭ମାସ ବିତିଯାଇଥିଲେ ହେଁ ଏ ପର୍ଯ୍ୟନ୍ତ ଶିକ୍ଷକ ନିଯୁକ୍ତି ହୋଇନାହାନ୍ତି। ଏହା ପ୍ରତିବାଦରେ ସୋମବାର ଶତାଧିକ ଛାତ୍ରୀଛାତ୍ର ଓ ଅଭିଭାବକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଭେଟି ଏ ସମ୍ପର୍କରେ ଆଲୋଚନା କରିବା ସହ ତୁରନ୍ତ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଥିଲେ। ବିଇଓ ଗୋଲକ ପ୍ରସାଦ ପାଢୀ ୭ଦିନ ମଧ୍ୟରେ ଶିକ୍ଷକ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେବା ପରେ ସେମାନେ ଫେରିଯାଇଥିଲେ। ଗ୍ରାମବାସୀଙ୍କର କହିବା ମୁତାବକ ଏହି ବିଦ୍ୟାଳୟରେ ସୁଣ୍ଡିରା ବ୍ୟତିତ ମଇତାପୁର, ପୂର୍ବପଡା, ନୂଆସାହି ଗ୍ରାମରୁ ବର୍ତ୍ତମାନ ୬ଷ୍ଠରୁ ୮ମ ପର୍ଯ୍ୟନ୍ତ ୭୮ଜଣ ପିଲା ପଢୁଥିବା ବେଳେ ଏବେ ମାତ୍ର ୨ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି । ଅଫିସ କାର୍ଯ୍ୟରେ ଜଣେ ଶିକ୍ଷକ ବ୍ୟସ୍ତ ରହିବା ସମୟରେ ଅନ୍ୟ ଜଣଙ୍କୁ କ୍ଲାସ ନେବା କଷ୍ଟସାଧ ହୋଇପଡୁଛି । ଫଳରେ ପିଲାମାନଙ୍କ ପାଠପଢା ବ୍ୟାଘାତ ହେଉଛି । ଶୀଘ୍ର ସମସ୍ୟାର ସମାଧାନ ନ ହେଲେ ଅଭିଭାବକମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ବିଇଓଙ୍କୁ ଯୋଗାଯୋଗ କରିବାରେ ଯଥାଶୀଘ୍ର ସେମାନଙ୍କର ସମସ୍ୟାର ସମାଧାନ ପାଇଁ ବ୍ୟବସ୍ଥା କରାଯାଉଥିବା କହିଛନ୍ତି।

# ନିଷ୍ଠାପର ଉଦ୍ୟମ ପିଏକ୍ସଇକୁ ବିଶ୍ୱସ୍ତରରେ ପରିଚିତ କରିଛି

## 'ପିଏକ୍ସଇ'ର ୧୨୮ ତମ ପ୍ରତିଷ୍ଠା ଉତ୍ସବ

ବାଲେଶ୍ୱର ଅଫିସ, ୭।୧୧



ବାଲେଶ୍ୱର ସୋମବାର ଖବରଦାତା ସମ୍ମିଳନୀରେ ପିଏକ୍ସଇର ନିର୍ଦ୍ଦେଶକ ଡିକେ ଯୋଶୀ ଓ ଅନ୍ୟମାନେ।

ବାଲେଶ୍ୱର ଜିଲା ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ବିଭାଗର ପ୍ରମାଣ ତଥା ପ୍ରାୟୋଗିକ ସ୍ଥାପନା (ପିଏକ୍ସଇ)ର ୧୨୮ତମ ପ୍ରତିଷ୍ଠା ଉତ୍ସବ ସୋମବାର ଦିବସ ବ୍ୟାପୀ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଛି। ପିଏକ୍ସଇ ନିର୍ଦ୍ଦେଶକ ଡିକେ ଯୋଶୀ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରତିରକ୍ଷା କ୍ଷେତ୍ରରେ ଗୋଳାବାରୁଦ ପରୀକ୍ଷଣଠାରୁ ବିଭିନ୍ନ ଯନ୍ତ୍ରପାତିର ପ୍ରୟୋଗ ତଥା ପରୀକ୍ଷାରେ ଏହି ବିଭାଗ ୧୨୮ବର୍ଷରେ ପଦାର୍ପଣ କରିବା ସହ ରାଷ୍ଟ୍ର ପାଇଁ ଗୌରବ ଆଣିପାରିଛି । ବିଶ୍ୱର ଅଦ୍ୱିତୀୟ ଫ୍ଲାଟ ବେଳାଭୂମି ଭାବେ ଚାନ୍ଦିପୁରକୁ ଚୟନ ସହ ତତ୍କାଳୀନ ବ୍ରିଟିଶ ସରକାର ଏଠାରେ ପିଏକ୍ସଇ ସ୍ଥାପନ କରିଥିଲେ। ଇତିମଧ୍ୟରେ ଦୀର୍ଘଦିନ ବିତିଯାଇଥିବାବେଳେ ଭାରତର ପ୍ରତିରକ୍ଷା ବିଭାଗ ପାଇଁ ଏହା ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହୋଇପାରିଛି। ଜାତୀୟ ପ୍ରତିରକ୍ଷା ପ୍ରସ୍ତୁତିରେ ଉଲ୍ଲେଖନୀୟ ଅବଦାନ ପାଇଁସମସ୍ତକର୍ମଚାରୀଙ୍କୁକୃତଜ୍ଞତାଜଣାଇବା ସହ ପିଏକ୍ସଇର କର୍ମଚାରୀ ୟୁନିଅନ୍ ଏବଂ ଆସୋସିଏଶନର ସହଯୋଗକୁ ପ୍ରଶଂସା କରିଥିଲେ। କୋଭିଡ ସଂକ୍ରମଣ କାଳରେ ମଧ୍ୟ ସମସ୍ତ କର୍ମଚାରୀ ଅଦୃଶ୍ୟ ପରିସ୍ଥିତିରେ ମୁକାବିଲା କରି ସାହସର ସହିତ କାର୍ଯ୍ୟ କରିଥିଲେ । ଏହି ସଂସ୍ଥାନର କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀଙ୍କ ନିଷ୍ଠାପର ଉଦ୍ୟମ ପିଏକ୍ସଇକୁ ବିଶ୍ୱସ୍ତରରେ ପରିଚିତି ଦେଇପାରିଛି। ପ୍ରତିଷ୍ଠା ଦିବସ କେବଳ ଆନନ୍ଦବିଭୋର ପାଇଁ ନୁହେଁ ଗୋଟିଏ ବର୍ଷର ସଫଳତା ତଥା ଉତ୍କର୍ଷତାର ସମୀକ୍ଷା ପାଇଁ ପ୍ରକୃତ ସମୟ । କେବଳ ଗୋଳାବାରୁଦ ପରୀକ୍ଷଣ ନୁହେଁ ବରଂ ସରକାରଙ୍କ ମେକ୍-ଇନ୍-ଇଣ୍ଡିଆ କାର୍ଯ୍ୟକ୍ରମକୁ ଆଗେଇ ନେବାରେ ଏହି ବିଭାଗ ସର୍ବଦା ଉଦ୍ୟମ ଜାରି ରଖିଛି। ଆଗାମୀ ଦିନରେ ଏହି ସଫଳତାର ଧାରା ବଜାୟ ରଖିବ ବୋଲି ଆଶା ପ୍ରକାଶ କରିଥିଲେ । ବୈଜ୍ଞାନିକ ଡ. ହିମାଂଶୁ ଶେଖର ପଣ୍ଡା ଯୋଗଦେଇ ପିଏକ୍ସଇକୁ ମିଳିଥିବା ଦୀର୍ଘଦିନର ସଫଳତା ସହ ପ୍ରତିଷ୍ଠା ଦିବସ ପାଳନ ଅବସରରେ ବୃକ୍ଷରୋପଣ ଓ ରକ୍ତଦାନ ଶିବିର ଆୟୋଜନ ଭଳି ସାମାଜିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ସମ୍ପର୍କରେ ସୂଚନା ଦେଇଥିଲେ। ପୂର୍ବାହ୍ଣରେ ପିଏକ୍ସଇ ପରିବାରର ଅଧିକାରୀ, କର୍ମଚାରୀ ଓ ପିଲାଙ୍କ ମଧ୍ୟରେ ଡିଆରଡିଓ ପରିସରସ୍ଥିତ ପଡ଼ିଆରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ବୈଜ୍ଞାନିକ କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ, ରବୀନ୍ଦ୍ର କୁମାର ସାହୁ, ବୀରେନ୍ଦ୍ର ସିଂହ ପ୍ରମୁଖଙ୍କୁ 'ଲାବୋରେଟୋରୀ ସାଇଣ୍ଟିଷ୍ଟ' ଓ 'ପ୍ରୁଫ ମ୍ୟାନ' ପୁରସ୍କାର ପ୍ରଦାନ କରାଯାଇଥିଲା। ଏଥିସହିତ ୨୫ବର୍ଷରୁ ଊର୍ଦ୍ଧ୍ୱ ସେବା ପ୍ରଦାନ କରିଥିବା କର୍ମଚାରୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। କର୍ଣ୍ଣେଲ ସୁମନ ଦତ୍ତ, ବୈଜ୍ଞାନିକ ଅର୍କଦେବ ବାନାର୍ଜୀ, ରତ୍ନାକର ସତୁଆ ମହାପାତ୍ର, ସନ୍ତୁ ଚକ୍ରବର୍ତ୍ତୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

